## ● ଚାଷୀ ନୁହେଁ ବିଜେପି ନେତା ଯାଉଛନ୍ତି କୃଷକ କର୍ମଶାଳା

ପୁରୁଷୋତ୍ତପୁର ବ୍ଲକରେ ଚାଷୀ ନୁହେଁ ବରଂ ବିଜେପି ନେତାମାନେ କୃଷି କର୍ମଶାଳା ଯାଉଥିବା ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ଚାଷୀ ହିତକର ଯୋଜନା ତଥା ସିଡ଼ିପି-ଏମଏଲଆଇପି ଅଧିନରେ ଚାଷୀଙ୍କ ଉନ୍ନତୀ ସକାଶେ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି। ସେଥିମଧ୍ୟରୁ ନୂତନ ଜ୍ଞାନକୌଶଳ ବୃଦ୍ଧି ନିମନ୍ତେ ବାହାର ରାଜ୍ୟକୁ ପରିଭ୍ରମଣ କାର୍ଯ୍ୟକ୍ରମରେ ବ୍ୟାପକ ଅନିୟମିତତା ଦେଖାଦେଇଛି। ସିବିଓଙ୍କ ମିଳିତ ସହଭାଗିତାରେ ଚାଷୀ ଚୟନ କରାଯାଇ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଚିଠା ପ୍ରସ୍ତୁତ ହୋଇଥିଲା। ଏହି ଅନୁସାରେ ଟ୍ରେନ ଟିକେଟ ବୁକିଂ କରାଯାଇଥିଲା। କିନ୍ତୁ ଗୋଷ୍ଠୀ କୃଷି ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକଳାପ ସକାଶେ ଏହି ଚିଠାକୁ ବାଦ ଦେଇ କିଛି ଅଣଚାଷୀ ଯୋଜନାର ଅନ୍ତର୍ଭୂକ୍ତ ନଥିବା ପଞ୍ଚାୟତର ଲୋକଙ୍କୁ ବିନା ଟିକେଟ୍‌ରେ ବାହାର ରାଜ୍ୟକୁ ପରିଭ୍ରମଣରେ ନିଆଯାଇଥିବା ୩୬ଜୋନ ଜିଲ୍ଲା ପରିଷଦ ସଭ୍ୟ ବ୍ରଜମୋହନ ବେହେରା ଅଭିଯୋଗ କରିଥିଲେ।

## ● ପ୍ରଶାସନ ଏକପାଖିଆ; ତାତିଲେ ଜିଲ୍ଲା ପରିଷଦ ସଦସ୍ୟ

ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରେ ବିଡ଼ିଓ ଓ ଯନ୍ତ୍ରୀମାନେ ମାନେ ପଞ୍ଚାୟତ ପ୍ରତିନିଧିଙ୍କ ପ୍ରତି ପକ୍ଷପାତିତା କରୁଛନ୍ତି। ବିଜୁ ଜନତା ଦଳର ନିର୍ବାଚିତ ସଦସ୍ୟଙ୍କୁ ଜାଣିଶୁଣି ଅଣଦେଖା କରାଯାଉଛି। ବିଧାୟକମାନେ ନିଜ ଲୋକଙ୍କୁ କାମ ଦେଉଛନ୍ତି। ସମନ୍ୱୟ ନଥିବାରୁ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଜିଲ୍ଲା ପରିଷଦ ସଦସ୍ୟ ଅଭିଯୋଗ କରିଛନ୍ତି। ଦଳୀୟ ଭିତ୍ତିରେ ଜନ ପ୍ରତିନିଧିଙ୍କୁ ଆଚରଣ ଓ ଉପେକ୍ଷିତ କରାଯାଉଥିବା ଜିଲ୍ଲା ପରିଷଦ ବୈଠକରେ ଅଭିଯୋଗ ହୋଇଛି।

**ପକ୍ଷପାତିତା କରୁଛନ୍ତି ବିଡ଼ିଓ ଓ ଯନ୍ତ୍ରୀ**

## ● କୃଷି ଅଧିକାରୀଙ୍କ ଉପରେ ବର୍ଷିଲେ

ଜିଲ୍ଲାରେ କୃଷି ବିଭାଗ ଲୁଚାଛପାରେ ସବୁ କାମ ଚଳାଇଛି। କୌଣସି ଯୋଜନା ସମ୍ପର୍କରେ ଜିଲ୍ଲା ପରିଷଦ ସଭ୍ୟଙ୍କୁ କୁହାଯାଉନି। ବିଜେପି ନେତା ଓ କିଛି ନିର୍ଦ୍ଦିଷ୍ଟ ଲୋକଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରାଯାଉଛି। ବିଭିନ୍ନ ବୈଠକରେ ଜନ ପ୍ରତିନିଧିଙ୍କୁ ଅଣଦେଖା କରାଯାଉଛି। କୃଷି ଅଧିକାରୀମାନେ ଦଳୀୟ ଭିତ୍ତିରେ କାର୍ଯ୍ୟ କରୁଥିବା ଜିଲ୍ଲା ପରିଷଦ ସଭ୍ୟମାନେ ଅଭିଯୋଗ କରିଛନ୍ତି।

### ବର୍ଷକ ପରେ ସପ୍ତମ ଜିଲ୍ଲା ପରିଷଦ ବୈଠକ

# ଗଞ୍ଜାମ ଉପେକ୍ଷିତ; ନାରୀ ଅସୁରକ୍ଷିତ



ବ୍ରହ୍ମପୁର/ଛତ୍ରପୁର,୧୮।୭(ସମିସ): ବର୍ଷକ ପରେ ୭ମ ଗଞ୍ଜାମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଛତ୍ରପୁର ସ୍ଥିତ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ବୈଠକ ପ୍ରାରମ୍ଭରେ ହିଁ ଜିଲ୍ଲାରେ ହେଉଥିବା ଗଣଦୁଷ୍କର୍ମ, ଦୁଷ୍କର୍ମ, ଦଳିତଙ୍କୁ ଅତ୍ୟାଚାର ଆଦି ବିଭିନ୍ନ ପ୍ରସଙ୍ଗ ନେଇ ଅଧକ୍ଷା ଉକଦବେଗ ପ୍ରକାଶ କରିଥିଲେ। ବର୍ଷକ ପୂର୍ବରୁ ସବୁ କାମ ଠିକ ଠାକ୍ ଚାଲିଥିଲା। ସରକାର ବଦଳିବା ପରେ ସମ୍ପ୍ରତି ବିକାଶ ସମ୍ପୂର୍ଣ୍ଣ ମାତ୍ରରେ ଧିମେଇଥିବା ସେ ଏଠାରେ କହିଥିଲେ। ଜିଲ୍ଲାର ଉନ୍ନତୀ ପରିକଳ୍ପେ ପ୍ରଶାସନ ଓ ଜନ ପ୍ରତିନିଧିମାନେ ମିଳିତ ଭାବେ କାମ କରିବା ସଙ୍ଗେ ସଙ୍ଗେ ଆଗାମୀ ବର୍ଷାର ମୁକାବିଲା, ଝାଡ଼ାବାନ୍ତିରୁ ସୁରକ୍ଷା ସମେତ ସମସ୍ତ ପ୍ରସଙ୍ଗ ଆଲୋଚନା କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସେ ମତବ୍ୟକ୍ତ କରିଥିଲେ। ସେହିଭଳି ଜିଲ୍ଲା ପରିଷଦ ଉପାଧକ୍ଷା ଏସ ରାଜେଶ୍ୱରୀ ଦୋରା ମଧ୍ୟ ଅଞ୍ଚଳର ସମସ୍ୟାକୁ ଉପସ୍ଥାପନ କରି ଆଲୋଚନା ମାଧ୍ୟମରେ ସମାଧାନର ସୂତ୍ର ବାହାର କରିବାକୁ ମତବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ, ସମ୍ପ୍ରତି ଗଞ୍ଜାମ ଅନ୍ୟ ଜିଲ୍ଲା ତୁଳନାରେ ପଛରେ ପଡ଼ିଯାଇଛି। ପଞ୍ଚାୟତସ୍ତରରୁ ନିର୍ବାଚିତ ପ୍ରତିନିଧି, ଅଫିସର ଓ ବିଧାୟକଙ୍କ ମଧ୍ୟରେ ତାଳମେଳ ରହୁନି। ଅଫିସର ମାନେ ଚାପରେ ଚେପା ହେଉଛନ୍ତି। ବିଧାୟକମାନେ ଅନେକ ବିକାଶ କାମକୁ ପରୋକ୍ଷରେ ଅଟକାଇବାକୁ ପଛାଉ ନାହାନ୍ତି। ଦେଶ ବିଦେଶରେ ଗଞ୍ଜାମର ଗାରିମା ନଷ୍ଟ ହୋଇଛି। ଭଲ କାମ କରି ଗଞ୍ଜାମର ନାଁକୁ ପୁନଃ ଉଜ୍ଜିବୀତ କରିବାରେ ଅଫିସର ମାନେ ସହଯୋଗ କରିବାକୁ ସେ ନିବେଦନ କରିଥିଲେ। ବୈଠକରେ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ସାଂସଦ ଡ଼ ପ୍ରଦୀପ କୁମାର ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା,



**● ସରକାର ବଦଳିଲା, ବିକାଶ ଧିମେଇଲା, ଗଞ୍ଜାମ ନିନ୍ଦିତ ହେଲା**
**● ଚାପରେ ଚେପା ଅଫିସର, ଭୁଲ ତଥ୍ୟ ଦେଇ ଖସି ଯାଉଛନ୍ତି**
**● ଅଡୁଆରେ ଅସ୍ମିତା: ଓଡ଼ିଆରେ ପ୍ରଶ୍ନ କଲେ, ଉତ୍ତର ମିଳୁଛି ଇଂରାଜୀରେ**

ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା ମଞ୍ଚାସିନ ଥିଲେ। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ମୃତ୍ୟୁବରଣ କରିଥିବା ଛାତ୍ରୀ ସୌମ୍ୟାଶ୍ରୀଙ୍କ ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଥମେ ଜିଲ୍ଲାପାଳ ଶ୍ରୀ ପରିଡ଼ା ସ୍ୱାଗତ ଭାଷଣରେ ସରକାରଙ୍କ ସମସ୍ତ ଯୋଜନା ଗୁଡିକ ଲୋକଲୋଚନକୁ ଆଣି ସେଗୁଡିକ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଥିଲେ। ମଞ୍ଚାସିନ ଅତିଥି ବୃନ୍ଦ ଗଞ୍ଜାମ ଜିଲ୍ଲାର ଉନ୍ନତି ପ୍ରତି ଧ୍ୟାନ ଦେବା, ସରକାର ଓ ଜନପ୍ରତିନିଧି ମିଳିମିଶି କାମ କରିବା, ରାଜ୍ୟ ଓ କେନ୍ଦ୍ର ଯୋଜନାକୁ ଗୁରୁତ୍ୱ ଦେବାକୁ ମତବ୍ୟକ୍ତ କରିଥିଲେ। ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଉପରେ ବିଷଦ ଭାବେ ଆଲୋଚନା କରାଯାଇଥିଲା। ବୈଠକରେ ଓଡ଼ିଆରେ ପ୍ରଶ୍ନ କଲେ ଇଂରେଜୀରେ ଉତ୍ତର ମିଳିବା, ରାସ୍ତା ଲାଗି ପ୍ରଶ୍ନ କଲେ ଜଙ୍ଗଲ ବିଷୟରେ ଉତ୍ତର ଦେବା, ବିନା ତଥ୍ୟରେ ଅଫିସରମାନେ ବୈଠକକୁ ଆସିବା ଓ ବିଧାୟକଙ୍କ ଚାପରେ ଅଫିସର ମାନେ ବ୍ଲକରେ କାମ କରେଇ ଦେଉନଥିବା ଆଦି ସମସ୍ତ ପ୍ରଙ୍ଗସରେ ଆଲୋଚନା ହୋଇଥିଲା। ବିଶେଷ କରି ପ୍ରଶାସନ ଜନ ପ୍ରତିନିଧିମାନଙ୍କୁ କୌଣସି ମତେ ସହଯୋଗ କରୁନଥିବା ନେଇ ଜିଲ୍ଲା ପରିଷଦ ସଭ୍ୟମାନେ ତାତିଥିଲେ। ଏ ଅବସରରେ କୃଷି, ଉଦ୍ୟାନ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ମୃତ୍ତିକା ସଂରକ୍ଷଣ ସମେତ ବିଭିନ୍ନ ବିଭାଗର ଆଲୋଚନା ହୋଇଥିଲା। ସମୟ କମ୍ ଥିବାରୁ ସଭ୍ୟମାନେ କ୍ଷୁବ୍ଧ ହୋଇଥିଲେ। ପ୍ରତ୍ୟେକ ତିନିମାସରେ ନିୟମିତ ବୈଠକ କରିବାରେ ଜିଲ୍ଲାପାଳଙ୍କୁ ଅଧକ୍ଷା ଜଣାଇଥିଲେ। ଏ ଅବସରରେ ବିଭିନ୍ନ ବିଭାଗର ଷ୍ଟାଣ୍ଡିଂ କମିଟି ଗଠନ ହୋଇଥିଲା। ବୈଠକକୁ ଗଞ୍ଜାମ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ ବେହେରା ସଂଯୋଜନା କରିଥିଲେ।

## ■ ମିଛ ତଥ୍ୟ ଦେଇ ଅପଦସ୍ତ ହେଲେ ଉଦ୍ୟାନ କୃଷି ଉପ-ନିର୍ଦ୍ଦେଶକ

ଗଞ୍ଜାମ ଜିଲ୍ଲା ପରିଷଦ ବୈଠକରେ ସୋରଡ଼ା ବ୍ଲକରେ ସଫଳ ଷ୍ଟ୍ରବେରୀ ଚାଷ ନେଇ ତଥ୍ୟ ରଖିଥିଲେ ଉଦ୍ୟାନ କୃଷି ଉପ-ନିର୍ଦ୍ଦେଶକ। ଏହି ତଥ୍ୟକୁ ଭୁଲ ଦର୍ଶାଇଥିଲେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ। ମିଛ ରିପୋର୍ଟ ଦର୍ଶାଇ ବିଭାଗ ବାହାବା ନେଉଥିବା ବେଳେ ବାସ୍ତବରେ କିଛି ଚାଷ ହୋଇନଥିବା ଅଭିଯୋଗ ହୋଇଛି। ଏପରିକି ବିଗତ ବୈଠକରେ ହୋଇଥିବା ପ୍ରଶ୍ନର ଉତ୍ତର ମଧ୍ୟ ରଖିପାରୁନି ବିଭାଗ। ସେହିଭଳି ଉଦ୍ୟାନ କୃଷି ବିଭାଗର ଅଧିକାରୀମାନେ ବ୍ଲକ ହେଡ଼ କ୍ୱାଟରରେ ରହୁନାହାନ୍ତି। ପଞ୍ଚାୟତ ସମିତି ବୈଠକରେ ମଧ୍ୟ ଯୋଗ ଦେଉନାହାନ୍ତି। କିଛି ନିର୍ଦ୍ଦିଷ୍ଟ ଲୋକଙ୍କୁ ଧରି କାମ ଚଳାଉଛନ୍ତି। ବ୍ଲକରେ ଉଦ୍ୟାନ କୃଷି କାର୍ଯ୍ୟାଳୟ କେବେ ଖୋଲୁନି। ବିଭିନ୍ନ ଅଞ୍ଚଳରେ ଚାଷୀଙ୍କୁ ବିହନ ମିଳୁନି ବୋଲି ଜିଲ୍ଲା ପରିଷଦ ସଭ୍ୟମାନେ ଅଭିଯୋଗ କରିଛନ୍ତି।

## ■ ଏଲ୍‌ଆଇ ପଏଣ୍ଟ ଅଚଳ ପଡ଼ିଛି କାହିଁକି?

ଜିଲ୍ଲାରେ ଏଲଆଇ ପଏଣ୍ଟ ଗୁଡ଼ିକ ଅଚଳ ହୋଇଛି। ଚାରିବର୍ଷ ମଧ୍ୟରେ ପାଖାପାଖି ୧୧୦୦ଶହ ପଏଣ୍ଟ ଖୋଳାଯାଇଛି। ଅମିତ ଅଗ୍ରୱାଲ ନାମକ ଏକ ଏଜେନ୍ସି ଏହି କାମ କରିଛି। କିନ୍ତୁ ବିଦ୍ୟୁତ ସଂଯୋଗ ନଥିବାରୁ ଚାଷୀ ସୁବିଧା ପାଇପାରୁନଥିବା ବୈଠକରେ ଅଭିଯୋଗ ହୋଇଛି। ଫଳରେ ଚାଷୀକୂଳ ହନ୍ତସନ୍ତ ହେଉଛନ୍ତି।

## ■ ଚିଠା ନୁହେଁ ଯୋଗ୍ୟଙ୍କୁ ଭତ୍ତା ଦିଅ

ଗଞ୍ଜାମ ଜିଲ୍ଲା ପରିଷଦ ବୈଠକରେ ସମାଜିକ ସୁରକ୍ଷା ଅଧିକାରୀ ବିଭାଗର ବିବରଣୀ ପାଠ କରିବାକୁ ନେଇ ଜିଲ୍ଲା ପରିଷଦ ସଭ୍ୟମାନେ ନାପସନ୍ଦ କରିବା ସହିତ ଚିଠା ନୁହେଁ ବରଂ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ଦିଅ ବୋଲି କହିଥିଲେ। ବିଭିନ୍ନ ସାମାଜିକ ସୁରକ୍ଷା ମେଳାରେ ଜିଲ୍ଲା ପରିଷଦ ସଭ୍ୟଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରିଥିଲେ।

## ■ ଅଧକ୍ଷଙ୍କୁ ଅଣଦେଖା; ମୋତେ କଷ୍ଟ ଲାଗୁଛି

ବେଲଗୁଣ୍ଠା ବ୍ଲକରେ ବିଭିନ୍ନ କାର୍ଯ୍ୟରେ ଅଧକ୍ଷାଙ୍କୁ ଅଣଦେଖା କରାଯାଉଛି। ଏନେଇ ଅଧକ୍ଷା ଜଣକ କ୍ଷୋଭ ପ୍ରକାଶ କରିବା ସହ ମୋତେ କଷ୍ଟ ଲାଗୁଛି ବୋଲି କହିଥିଲେ। ପ୍ରତିଟି କାର୍ଯ୍ୟରେ ସେଠାକାରେ ବିଧାୟକ ହସ୍ତକ୍ଷେପ କରୁଥିବା ବେଳେ ପଞ୍ଚାୟତ ଜନ ପ୍ରତିନିଧିମାନଙ୍କ ଗୁରୁତ୍ୱ ରହୁନଥିବା ଏଠାରେ କୁହାଯାଇଛି।

## ■ ପ୍ରସ୍ତୁତ ନଥାଇ କାହିଁକି ଆସୁଛନ୍ତି ଆର୍‌ଡି ଅଧିକାରୀ

ବିନା ସୂଚନାରେ ବୈଠକକୁ ଆସୁଛନ୍ତି ଆର୍‌ଡ଼ି ବିଭାଗ ଅଧିକାରୀମାନେ। ଆଗୁଆ ପ୍ରସ୍ତୁତ ନଥାଇ ପ୍ରଶ୍ନକୁ ସାମ୍ନା କରିବାରେ ଅକ୍ଷମ ହେଉଛନ୍ତି। ଏଣୁ ପ୍ରସ୍ତୁତ ହୋଇ ଆସିବାକୁ ତାଗିଦ କରିଛନ୍ତି ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ। ୩ମାସକୁ ଥରେ ବୈଠକ ନ ହେଉଥିବା ଯୋଗୁଁ ଉତ୍ତରଦାୟୀ ହେବାରୁ ଆର୍‌ଡ଼ି ଅଧିକାରୀମାନେ ମୁକୁଳିଯାଉଥିବା ଏଠାରେ ଅଭିଯୋଗ ହୋଇଛି।

## ତାଲା ଭାଙ୍ଗି ମିଲ୍‌ରୁ ଲକ୍ଷାଧିକ ଟଙ୍କା ଲୁଟ୍

ଦିଗପହଣ୍ଡି,୧୮।୭(ସମିସ): ଦିଗପହଣ୍ଡି ଥାନା ନୂଆ ଅନନ୍ତେଇ ପଞ୍ଚାୟତ ଅଫିସ୍ ନିକଟରେ ଥିବା ବାବୁ ସାହୁଙ୍କ ମା' ମହୁରୀ କାଲୁଆ ଫ୍ଲୋର ମିଲ୍ ମୁଖ୍ୟ ଫାଟକ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ପ୍ରାୟ ୨ ଲକ୍ଷ ୧୫ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ମିଲ ମାଲିକ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ମାମଲା (ନଂ.୨୫୦/୨୫) ରୁଜୁ କରି ତଦନ୍ତ ଚଳାଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ସାଇଣ୍ଟିଫିକ ଟିମ୍ ଓ ପୁଲିସ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ସବିଶେଷ ତଦନ୍ତ କରି ଫେରିଥିବା ଜଣାପଡିଛି। ବୁଧବାର ସନ୍ଧ୍ୟାରେ ମିଲ କର୍ମଚାରୀମାନେ ତାଲା ପକାଇ ଘରକୁ ଯାଇଥିଲେ। ଗୁରୁବାର ସକାଳେ ମିଲ କବାଟ ତାଲା ଭଙ୍ଗା ଯାଇଥିବା କର୍ମଚାରୀମାନେ ଦେଖିବା ପରେ ମାଲିକଙ୍କୁ ଖବର ଦେଇଥିଲେ। ମିଲ ମାଲିକ ପହଞ୍ଚିଥିଲେ। ଦେଖିଲା ବେଳକୁ ଦୁର୍ବୃତ୍ତ ମାନେ ସିସିଟିଭିର ଯନ୍ତ୍ରାଂଶ ନେଇଯିବା ସହ ଅଫିସ ରୁମ୍ ଡ୍ରରୁ ପ୍ରାୟ ୨ ଲକ୍ଷ ୧୫ ହଜାର ଟଙ୍କା ଲୁଟି ନେଇଛନ୍ତି। ପୁଲିସ ଦୁର୍ବୃତ୍ତ ମାନେ ଫାଟକ ତାଲା ଭଙ୍ଗାରେ ବ୍ୟବହୃତ ଏକ କଟୁରୀ, ହାତୁଡିକୁ ଜବତ କରିଛି।

## ଫେରାର କାର୍ ଚାଳକ ଗିରଫ

ରଙ୍ଗେଇଲୁଣ୍ଡା,୧୮।୭(ସମିସ): ଗୋଳନ୍ଥରା ଥାନା ଅଧୀନ ଚଟି ଛକରେ ଏକ ସାଇକଲ ଆରୋହୀଙ୍କୁ ଧକ୍କା ଦେଇ ଦୁର୍ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିବା ଚାଳକକୁ ଆଜି ଗୋଳନ୍ଥରା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଜଣକ ହେଲେ ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ କୁଶପୁର ଗ୍ରାମର ପ୍ରଫୁଲ୍ଲ ଜେନା ବୋଲି ତଦନ୍ତ ଅଧିକାରୀ ରମେଶ ଚନ୍ଦ୍ର ଚୌଧୁରୀ ସୂଚନା ଦେଇଛନ୍ତି। ଗତ ଜୁନ ୬ ତାରିଖ ରାତିରେ ଚଟି ନୁଆଁସାହିର ଏସ. ମୁତ୍ୟାଲୁ ଦୋରା ଜାତୀୟ ରାଜପଥ ପାର ହେବାକୁ ରାସ୍ତା କଡ଼ରେ ଛିଡା ହେଇଥିବା ବେଳେ ଇଚ୍ଛାପୁର ପଟୁ ଏକ କାର (ନଂ.ଓଡି ୩୩ଏବି-୧୦୧୮) ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଗୁରୁତର ମୁତ୍ୟାଲୁ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ସ୍ଥିତ ଏକ ଘୋରେଇ ମୃତ୍ୟୁ ଘଟିଥିଲା।

ଏ ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହେବା ପରେ ତଦନ୍ତ ଅଧିକାରୀ ଶ୍ରୀ ଚୌଧୁରୀ ଜାତୀୟ ରାଜପଥରେ ଲାଗିଥିବା ବିଭିନ୍ନ ସିସିଟିଭି ଯାଞ୍ଚ କରି ଦୁର୍ଘଟଣା ଘଟାଇଥିବା କାର୍‌ଟିକୁ ଚିହ୍ନଟ କରିଥିବା ବେଳେ ଆଜି ଉକ୍ତ ଗାଡ଼ିଟି ହଳଦିଆ ପଦର ନିକଟରେ ଥିବା ଜାଣି ତଦନ୍ତ ଅଧିକାରୀ ଶ୍ରୀ ଚୌଧୁରୀ ଗାଡି ଜବତ କରିବା ସହ ଚାଳକ ପ୍ରଫୁଲ୍ଲକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## ସାପ କାମୁଡ଼ାରେ ଛେଳି ଚରାଳି ମୃତ

ଆସିକା,୧୮।୭(ସମିସ): ଆସିକା ଥାନା ନଳବଣ୍ଟା ଗାଁର ଜଣେ ଛେଳି ଚରାଳି ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ନଳବଣ୍ଟା ଗ୍ରାମର କାଳୀଚରଣ ନାହାକ(୬୫)। ସେ ଋଷିକୁଲ୍ୟା ପଠାକୁ ଛେଳି ଚରାଇବାକୁ ଯାଇଥିବା ବେଳେ ସାପ କାମୁଡି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଆସିକା ମେଡିକାଲ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ




ଗଞ୍ଜାମ,୧୮।୭(ସମିସ): କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ମେରା ଯୁବ ଭାରତ ପକ୍ଷରୁ ଗଞ୍ଜାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗଦର୍ଶନ ଫାଉଣ୍ଡେସନ ଆନୁକୂଲ୍ୟରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ସହର ସ୍ଥିତ ଶିଶୁ ମନ୍ଦିରରେ ବୃକ୍ଷରୋପଣ କରାଯାଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଉମାକାନ୍ତ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପୂର୍ବତନ ସରପଞ୍ଚ ତଥା ଶିକ୍ଷାନୁଷ୍ଠାନର କୋଷାଧକ୍ଷ ଡ଼ି. ନିରଞ୍ଜନ ରେଡି ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ନେହେରୁ ଯୁବକେନ୍ଦ୍ର ପୂର୍ବତନ ଜାତୀୟ ଯୁବ ସ୍ୱେଚ୍ଛାସେବୀ ଡ଼ି. ବିଷ୍ଣୁପ୍ରିୟା, ସମ୍ମାନିତ ଅତିଥିଭାବେ ଶିକ୍ଷାନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ଏମ.ଲିଙ୍ଗରାଜ ରେଡି ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଦିଗଦର୍ଶନ ଅନୁଷ୍ଠାନର ସଭାନେତ୍ରୀ ବିଜୟଲକ୍ଷ୍ମୀ ମହାଙ୍କୁଡ଼ଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଏକ ଚିତ୍ରାଙ୍କନ ପ୍ରତିଯୋଗିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ନିବେଦିତା ଦଳେଇ, ଦ୍ୱିତୀୟ ଦେବସ୍ମିତା ଦଳେଇ, ତୃତୀୟ ପି. ଶ୍ରୀନିବାସ ରାଓ, ଚତୁର୍ଥ ଅମ୍ରିତ କୁମାର ବାରିକ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ବନ୍ଦନା ପାଳ ଧନ୍ୟବାଦ ଅର୍ପଣ କରିଥିଲେ।

ସସ୍ମିତା ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହ ସମ୍ପାଦକ ସୁଦର୍ଶନ ପାଢ଼ୀ, ରବୀନ୍ଦ୍ର ମହାନ୍ତି, ପ୍ରଭାତ ଦାଶ, ଏନ. ସୋନମ ରେଡ୍ଡି, ବିଷ୍ଣୁପ୍ରିୟା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଋଣ ବଣ୍ଟନ ମେଳା



ସୋରଡ଼ା,୧୮।୭(ସମିସ): ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ସରକାର ବିଭିନ୍ନ ଉପାୟ ମାଧ୍ୟମରେ ଋଣ ପ୍ରଦାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ତରଫରୁ ମହିଳା ମାନଙ୍କୁ ନେଇ ଏକଲପୁର ପଞ୍ଚାୟତରେ ଏକ ଋଣ ମେଳା ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ପରିଚାଳକ ପ୍ରମୋଦ କୁମାର ନାୟକଙ୍କ ସହ ଡ଼ ଗଗନ ଶତପଥୀ, ସଞ୍ଜୟ କୁମାର ରାଉତ ପ୍ରମୁଖ ଯୋଗଦେଇ ମା ମାନଙ୍କୁ ଋଣର ସଠିକ ବିନିଯୋଗ ଏବଂ ସହଜ ଋଣ ପାଇବାକୁ ହେଲେ କଣ କଣ କରିବାକୁ ହୁଏ ସେ ବିଷୟରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ୨୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଏକ କୋଟି ୩୭ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ୪ଟି ପଞ୍ଚାୟତର ଏମ୍‌ବିକେ, ସିଆରପିଙ୍କ ସହ ବ୍ୟାଙ୍କ ଅଫ୍ ଇଣ୍ଡିଆର ବ୍ୟାଙ୍କ ମିତ୍ର ଓ ମହିଳା ଗୋଷ୍ଠୀ ମାଆ ମାନେ ଉପସ୍ଥିତ ଥିଲେ।

## ୱାରେଣ୍ଟ ବଳରେ ଜଣେ ଗିରଫ

ବ୍ରହ୍ମପୁର,୧୮।୭(ସମିସ): ଦୁଇଟି ୱାରେଣ୍ଟ ଥିବା ଜଣେ ଅଭିଯୁକ୍ତକୁ ବଡବଜାର ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବାଲାଜୀପେଣ୍ଠ ସାହିର ଦୀପକ ବେହେରା ଓରଫ ଅଲଙ୍ଗା(୩୨)। ସୂଚନାଯୋଗ୍ୟ ଯେ ,୨୦୧୪ରେ ଗୋଷାଣୀନୁଆଗାଁ ଥାନା ଅଞ୍ଚଳରେ ଏକ ସମାବେଶ ବେଳେ ଦୀପକ ଓ ତାର କିଛି ସହଯୋଗୀ ମିଶି ଡକାୟତି ଯୋଜନା କରିଥିଲେ। ସେହିପରି ୨୦୧୭ରେ ଟାଉନ ଥାନା ଅଞ୍ଚଳରେ ମଧ୍ୟ ଦୀପକ ଅନ୍ୟକିଛି ଯୁବକଙ୍କ ସହିତ ମିଶି ଡକାୟତି ଯୋଜନା କରୁଥିବା ଅଭିଯୋଗରେ ଥାନାରେ ମାମଲା ରୁଜୁ ହୋଇଥିଲା। ଦୀପକ କୋର୍ଟରୁ ଜାମିନ ପାଇଥିଲେ ସୁଦ୍ଧା ସମ୍ପୃକ୍ତ ମାମଲାର ବିଚାରଣା ବେଳେ ହାଜର ହେଉନଥିବାରୁ ତାଙ୍କ ବିରୁଦ୍ଧରେ କୋର୍ଟ ଏନବିଡବ୍ଲ୍ୟୁ ଜାରି କରିଥିଲା। ସେହିକ୍ରମରେ ପୁଲିସ ଅଭିଯୁକ୍ତ ଦୀପକକୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ବାବା ଶଙ୍କର ସରଫ ସୂଚନା ଦେଇଛନ୍ତି।

## ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ପ୍ରସ୍ତୁତି

ସାନଖେମୁଣ୍ଡି,୧୮।୭(ସମିସ): ସାନଖେମୁଣ୍ଡି ବ୍ଲକ ସିଙ୍ଗିପୁର ପଞ୍ଚାୟତ ଅଧିନସ୍ଥ ଡେଙ୍ଗାଓସ୍ତା ରତ୍ନମଣିପୁର ଗ୍ରାମରେ ହନୁମାନ ବିଗ୍ରହ ଓ ଗଣେଶ ମନ୍ଦିର ପ୍ରତିଷ୍ଠା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମ ଆସନ୍ତା ନଭେମ୍ବର ମାସ ୩ ତାରିଖ ଠାରୁ ଆରମ୍ଭ ହୋଇ ନଭେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଡେଙ୍ଗାଓସ୍ତା, ରତ୍ନମଣିପୁର, ଖଜୁରୀପଦା, କୈଳାଶପୁର, କୈବର୍ତ୍ତନଗର ଗ୍ରାମବାସୀ ଉପସ୍ଥିତ ଥିଲେ।

# ବେଆଇନ ମଦ ରନ୍ଧା ଓ ବିକ୍ରିକୁ ନେଇ ଉତ୍ତେଜନା



ଧରାକୋଟ,୧୮।୭(ସମିସ): ଧରାକୋଟ ଥାନା ଜଗମୋହନ ପଞ୍ଚାୟତ ଅନ୍ତର୍ଗତ ଚମ୍ପାପଲ୍ଲୀ ଗାଁରେ ବେଆଇନ ମଦ ରନ୍ଧା ଓ ବିକ୍ରିକୁ କେନ୍ଦ୍ର କରି ଗ୍ରାମରେ ଉତ୍ତେଜନା ଦେଖାଇଛି। ଶୁକ୍ରବାର ଚମ୍ପାପଲି ଗାଁରେ ମଦ ରନ୍ଧା ଓ ବିକ୍ରିକୁ ବିରୋଧ କରି ଗ୍ରାମର ମହିଳା ଓ ପୁରୁଷ ଏକାଠି ହୋଇ ପ୍ରତିବାଦ କରିଛନ୍ତି। ପ୍ରତିବାଦ ସମୟରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ହିଞ୍ଜିଳି ନିକଟସ୍ଥ ଏକ ଗାଁରୁ ଆସି ଜଣେ ବ୍ୟକ୍ତି ନିଜ ଶଶୁର ଘର ଚମ୍ପାପଲ୍ଲୀ ଗ୍ରାମରେ ଦୀର୍ଘ ବର୍ଷ ହେଲା ରହୁଛନ୍ତି। ସେ ବେଆଇନ ମଦ ରାନ୍ଧିବା ସହ ଗାଁ ଭିତରେ ବିକ୍ରୀ କରୁଥିଲେ। ଯାହାକୁ ନେଇ ଗ୍ରାମବାସୀ ବାରମ୍ବାର ବିରୋଧ କରିବା ସହ ଧରାକୋଟ ଥାନାରେ ଅଭିଯୋଗ କରି ଆସୁଥିଲେ। ହେଲେ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିଲା। ତେଣୁ ଶୁକ୍ରବାର ଗ୍ରାମବାସୀ ଏହାର ବିରୋଧ କରିବାରୁ ଗାଁରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୁଲିସ ଗ୍ରାମରେ ପହଞ୍ଚି ସମସ୍ତଙ୍କୁ ବୁଝାସୁଝା କରିବା ସହ ମଦ ବିକ୍ରୀ କରୁଥିବା ଅଭିଯୋଗ ଆସିଥିବା ଜୈନେକ୍ ବ୍ୟକ୍ତିଙ୍କୁ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରିଥିଲା। ଏନେଇ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁଙ୍କ ସହ ଯୋଗାଯୋଗ ବେଳେ ସେ କହିଥିଲେ, ଏମିତି ଘଟଣା ନେଇ ମୋ ପାଖକୁ କୌଣସି ଅଭିଯୋଗ ଆସିନାହିଁ। ଚମ୍ପାପଲ୍ଲୀ ଗ୍ରାମର କିଏ ବି ଆଜିସୁଦ୍ଧା ଅଭିଯୋଗ ଦେଇ ନାହାନ୍ତି। ଯାହାଙ୍କ ନାମରେ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି ସେ ବ୍ୟକ୍ତି ଜଣକ ପୁଲିସର ସୂଚନା ପ୍ରଦାନକାରୀ ବୋଲି ସନ୍ଦେହ କରୁଥିବାରୁ ଗ୍ରାମରେ ଏପରି ପରିସ୍ଥିତି ଉପୁଜିଥିବା କଥା ଥାନା ଅଧିକାରୀ କହିଛନ୍ତି। ପୂର୍ବରୁ ଚମ୍ପାପଲ୍ଲୀରେ ବେଆଇନ ମଦ ରନ୍ଧାକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରାଯାଇଥିବା ବେଳେ ଏଥିରେ ସଂପୃକ୍ତ ଥିବା ଲୋକ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନଷ୍ଠାନ ନିଆଯାଉଛି ବୋଲି ଥାନା ଅଧିକାରୀ କହିଛନ୍ତି।

## ହାର୍ଡୱେର ଦୋକାନରୁ ଚୋରି

କୋଦଳା, ୧୮।୭(ସମିସ): ବେଗୁନିଆପଡ଼ା ଥାନା ଅନ୍ତର୍ଗତ ଷଣ୍ଢମୂଳ ବସଷ୍ଟାଣ୍ଡ ସ୍ଥିତ ବିଜୟ ପାତ୍ରଙ୍କ ପାତ୍ର ହାର୍ଡୱୋର ଷ୍ଟୋରରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାଇ ପ୍ରତ୍ୟେକ ଦିନ ଭଳି ବୁଧବାର ସନ୍ଧ୍ୟା ୭ଟାରେ ବିଜୟ ପାତ୍ର ଦୋକାନ ବନ୍ଦ କରି ଘରକୁ ଚାଲିଯାଇଥିଲେ।

ପରଦିନ ସକାଳେ ସେ ଦୋକାନ ଖୋଲିବାକୁ ଆସି ଦେଖିଲା ବେଳକୁ ଦୋକାନ ଚାବି ଖୋଲା ଅଛି ଏବଂ ଜିନିଷ ପତ୍ର ସବୁ ଏଣେ ତେଣେ ପଡିଛି। ଭିତରକୁ ଯାଇ କିଛି ମୂଲ୍ୟବାନ ଜିନିଷ ସହିତ ଡ୍ରରୁ ଟଙ୍କା ଚୋରି ହୋଇଥିବା ଜାଣି ବେଗୁନିଆପଡା ଥାନାରେ ଏତଲା ଦେଇଥିଲେ। ବେଗୁନିଆପଡ଼ା ଅଞ୍ଚଳରେ ବାରମ୍ବାର ଚୋରି ହେଉଥିବାରୁ ପୁଲିସ ପାଟ୍ରୋଲିଂ ଜୋରଦାର୍ କରିବାକୁ ଦାବି ହୋଇଛି।

# ନଦୀ ସୁଅରେ ଭାସିଗଲା କୁଚେଣ୍ଡି ନାଳ କାଠପୋଲ

- ସାତ ଦିନ ପୂର୍ବେ ଚାନ୍ଦା କରି ନିର୍ମାଣ କରିଥିଲେ ଗ୍ରାମବାସୀ
- ପୋଲ ଭାଙ୍ଗିଯିବାରୁ ୧୦ରୁ ଅଧିକ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ

ଫିରିଙ୍ଗିଆ, ୧୮।୭ (ସମିସ)

କିଛିଦିନ ହେଲା ସାରା କନ୍ଧମାଳ ଜିଲ୍ଲାରେ ବର୍ଷା ଲାଗି ରହିଛି। ଲଗାଣ ବର୍ଷାରେ ପୁଣି ଥରେ ଭାସିଯାଇଛି ଫିରିଙ୍ଗିଆ ବ୍ଲକ ଲୋଇସିଂ ପଞ୍ଚାୟତ କୁଚେଣ୍ଡି ନଦୀ ଉପରେ ନିର୍ମିତ କାଠ ପୋଲ। ପୁରୁଣା କାଠ ପୋଲ ଭାଙ୍ଗି ଯିବାପରେ ସାତ ଦିନ ପୂର୍ବେ ଚାନ୍ଦା କରି ଗ୍ରାମବାସୀ ମିଳିତ ଭାବରେ ଶ୍ରମଦାନ କରି ନିର୍ମାଣ କରିଥିଲେ। ଲୁଇସିଂ ପଞ୍ଚାୟତର ତଳଡାଙ୍ଗାଣାମ ନିକଟରେ ଥିବା କୁଚେଣ୍ଡି ନାଳର କାଠ ପୋଲ ଗତ ଲଗାଣ ବର୍ଷାରେ ଧୋଇଯିବା ଫଳରେ ଅଞ୍ଚଳବାସୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ସମସ୍ୟାର ସମାଧାନ ପାଇଁ ୭ ଦିନ ପୂର୍ବେ କୁଚେଣ୍ଡି ନଦୀରେ କାଠ ପୋଲ ନିର୍ମାଣ କରିଥିଲେ ଅଞ୍ଚଳବାସୀ। ହେଲେ ପ୍ରବଳ ବର୍ଷାରେ କାଠ ପୋଲ ପୁଣି ଥରେ ଭାସି ଯାଉଛି। ଯାହାଫଳରେ ଅଞ୍ଚଳର ତଳଡାଙ୍ଗାଣାମ, ଉପରଡାଙ୍ଗାଣାମ, ଶାଗଜଲା,



ପାନପଦର, କଟଡିସିରା, ବାଗନୁରୀ, ଟୁକୁପଦର, ପିଲିପଦର, ବାତଜୁର, ବୁଗେରମାସ୍କା, ଲାକାସିର୍ପି ଭଳି ୧୧ରୁ ଅଧିକ ଗ୍ରାମ ବର୍ତ୍ତମାନ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଛି। ନାଳରେ ବର୍ଷା ପାଣି ପ୍ରବାହିତ ହେଉଥିବା ବେଳେ ବିଭିନ୍ନ ପ୍ରକାର ଜରୁରୀ ସେବା ପ୍ରଭାବିତ ହୋଇଛି। ସାତ ଦିନତଳେ ଅଞ୍ଚଳର ଶତାଧିକ ଜନସାଧାରଣ ନିଜେ ଶ୍ରମ ଦାନ କରିବା ସହ ଚାନ୍ଦା କରି ଦିନ ତମାମ ଜଙ୍ଗଲରୁ କାଠ ସଂଗ୍ରହ କରି ପୁଣି ଥରେ କାଠ ପୋଲ ନିର୍ମାଣ କରିଥିଲେ। କିନ୍ତୁ ନଦୀର ସୁଅରେ ସେହି କାଠ ପୋଲ ମଧ୍ୟ ଭାଙ୍ଗି ଯାଇଛି। ଯେତେ ଶୀଘ୍ର ହେବ କୁଚେଣ୍ଡି ନାଳ ଉପରେ ପୋଲ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

- କର୍ତ୍ତବ୍ୟରେ ଅବହେଳା ଓ ଆଦେଶ ଅବମାନନା

## ସ୍ୱାସ୍ଥ୍ୟ ବିଭାଗର ୪ କମ୍ୟୁନିଟି ହେଲଥ୍ ଅଫିସର ନିଲମ୍ବିତ

ପାରଳାଖେମୁଣ୍ଡି, ୧୮।୭ (ସମିସ): ଗଜପତି ଜିଲ୍ଲାରେ ୪ ଜଣ ସ୍ୱାସ୍ଥ୍ୟ ବିଭାଗର କମ୍ୟୁନିଟି ହେଲଥ ଅଫିସରଙ୍କୁ ନିଲମ୍ବନ କରାଯାଇଛି। ନିଲମ୍ବିତ ହେଲଥ୍ ଅଫିସର ମୋହନା ବ୍ଲକ ପାଣିଗଣ୍ଡା, ରାଇପଙ୍କା, ବୁଡୁଲି ଏବଂ ଆର. ଉଦୟଗିରି ବ୍ଲକ ଶିଆଳିଲଟି ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ କାର୍ଯ୍ୟରତ ଥିଲେ। ଏନେଇ ଗଜପତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଏମ୍. ଏମ୍. ଅଲ୍ଲୀ ସୂଚନା ଦେଇଛନ୍ତି। ନିଲମ୍ବିତ କମ୍ୟୁନିଟି ହେଲଥ୍ ଅଫିସରମାନେ କର୍ତ୍ତବ୍ୟରେ ଅବହେଳା ଓ କର୍ତ୍ତୃପକ୍ଷଙ୍କ ଆଦେଶକୁ ଅବମାନନା କରିଥିବାରୁ ସେମାନଙ୍କୁ ନିଲମ୍ବିତ କରାଯାଇଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି। ନିଲମ୍ବିତ କମ୍ୟୁନିଟି ହେଲଥ ଅଫିସରମାନେ ନିୟମିତ ଭାବେ ଆରୋଗ୍ୟ କେନ୍ଦ୍ରକୁ ଆସୁ ନ ଥିଲେ। ଏନେଇ ବିଭାଗୀୟ କର୍ତ୍ତୃପକ୍ଷ କାରଣଦର୍ଶାଅ ନୋଟିସ ଜାରି କରିଥିଲେ ମଧ୍ୟ ସେମାନେ ଉତ୍ତର ରଖୁ ନ ଥିଲେ। ଯାହାକି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦେଶକୁ ଅବମାନନା କରାଯାଉଥିବାର ଦୃଷ୍ଟିଗୋଚର ହୋଇଥିଲା। ଗଜପତି ଜିଲ୍ଲା ଭଳି ଅଧ୍ୟୁଷିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ନିଯୁକ୍ତି ପାଇଥିବା ଯେକୌଣସି କର୍ମଚାରୀ କିମ୍ବା ହେଲଥ ଅଫିସର ଦାୟିତ୍ୱରେ ଅବହେଳା କଲେ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି। ସୂଚନା ଯୋଗ୍ୟ ଯେ ଗତ ମାସରେ ମଧ୍ୟ ଏପରି ଦାୟିତ୍ୱ ଅବହେଳା ଅଭିଯୋଗରକୁ ଭିତ୍ତି କରି ପାଣିଗଣ୍ଡା ଓ ଗୁଲାବା ଉପକେନ୍ଦ୍ରର ନର୍ସିଂ ଅଧିକାରୀଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ନିଲମ୍ବନ କରିଥିଲା।

## 'ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପାଇଁ ସରକାର ଦାୟୀ'



ଫୁଲବାଣୀ, ୧୮।୭ (ସମିସ): ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ କଂଗ୍ରେସ ଓ ଅନ୍ୟ ୭ ଦଳ ପକ୍ଷରୁ ବନ୍ଦ କନ୍ଧମାଳରେ ସଫଳ ହୋଇଛି। କଂଗ୍ରେସ ନେତା କର୍ମୀ ସହରର ବିଭିନ୍ନ ସ୍ଥାନରେ ରହି ବନ୍ଦ ପାଳନ କରିଥିଲେ। ମାଦିକୁନ୍ଦା ଛକରେ ଏକତ୍ରିତ ହୋଇ ପ୍ରତିବାଦ କରିବା ପରେ ସହରକୁ ଯାଇ ପିକେଟିଂ କରି ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ବନ୍ଦ କରିଥିଲେ। ବଣିକ ସଂଘ ଠାରୁ ଆରମ୍ଭ କରି ଘରୋଇ ବସ୍ ମାଲିକ ସଂଘ, ଅଟୋ ସଂଘ, କାର ଚାଳକ ସଂଘ ସ୍ୱତଃସ୍ଫୂର୍ତ୍ତ ଭାବେ ବନ୍ଦକୁ ସମର୍ଥନ କରିଥିଲେ। ଜିଲ୍ଲା କଂଗ୍ରେସ ସଂଯୋଜକ ଚନ୍ଦ୍ର ଶେଖର ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜୟ ମହାନ୍ତି, ଘନ କୁମାର ଶବର, ବସନ୍ତ ପାଢ଼ୀ, ନନ୍ଦକିଶୋର ଦାସ, ରଜତ ମହାନ୍ତିଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ଥିଲେ। ସୌମ୍ୟାଶ୍ରୀଙ୍କ ମୃତ୍ୟୁ ସରକାର ଉଦାସୀନତା ପାଇଁ ଘଟିଲା ଓ ସରକାର ହିଁ ସମ୍ପୂର୍ଣ୍ଣ ଭାବେ ଦାୟୀ ବୋଲି କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ।

**ଚକାପାଦ:** ଚକାପାଦ ବ୍ଲକ ଶଙ୍କରାଖୋଲରେ ବନ୍ଦର ପ୍ରଭାବ ଦେଖିôବାକୁ ମିଳିଥିଲା। ସମସ୍ତ ଛକରେ କଂଗ୍ରେସ କର୍ମୀ ପିକେଟିଂ କରି ଦୋକାନ ବଜାର ବନ୍ଦ କରିବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ଏଥିରେ ଚକାପାଦ ବ୍ଲକ କଂଗ୍ରେସ



ସଭାପତି ଚନ୍ଦ୍ର ଦଳ ବେହେରା, ଗୋବିନ୍ଦ ଅମାତ୍ୟ, ତନୟ ଭୋଇ, ନାଏବ ସରପଞ୍ଚ ମଲେଶ୍ୱର କହଁର, ଗୋକୁଳ ଦିଗାଲ, ରାଜେଶ ଦିଗାଲ, ପିଣ୍ଟୁ ନାୟକ ଓ ତ୍ରିନାଥ ବେହେରା ଉପସ୍ଥିତ ରହିଥିଲେ।

## କେବି ହିଷ୍ଟ କଲେଜରେ ଶ୍ରଦ୍ଧାଞ୍ଜଳି ସଭା



ବାଲିଗୁଡ଼ା, ୧୮।୭ (ସମିସ): ଫକୀର ମୋହନ ବିଶ୍ୱବିଦ୍ୟାଳୟର ଆତ୍ମାହୁତି କରିଥିବା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ଆଜି ବାଲିଗୁଡା କେ.ବି.ହାଇଷ୍ଟ କଲେଜ ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କଲେଜ ପ୍ରିନ୍ସିପାଲ ମିଲନ ଦିଗାଲ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରିଥିଲେ। ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯିବା ପରେ ସମସ୍ତ ଛାତ୍ରଛାତ୍ରୀ ମହମବତି ଜାଳି ପ୍ରାର୍ଥନା କରିଥିଲେ। ଚଉକ୍ତ କଲେଜର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ପାଳକ ଆଚାର୍ଯ୍ୟ ଇସ୍ରାଏଲ ବର୍ଦ୍ଧନଙ୍କ ବିୟୋଗ



ନୂଆଗଡ଼, ୧୮।୭ (ସମିସ): ଗଜପତି ଜିଲ୍ଲା ଉତ୍କଳ ବାପଟିଷ୍ଟ ମଣ୍ଡଳୀ ସମ୍ମିଳନୀ ଅନ୍ତର୍ଗତ ବଡ଼ପଦା ଶତାବ୍ଦୀ ବାପଟିଷ୍ଟ ମଣ୍ଡଳୀର ପାଳକ ଆଚାର୍ଯ୍ୟ ଇସ୍ରାଏଲ ବର୍ଦ୍ଧନ (୭୧)ଙ୍କ ପରଲୋକ ହୋଇଛି। ତାଙ୍କ ବିୟୋଗରେ ପରିବାର, ସ୍ଥାନୀୟ ମଣ୍ଡଳୀ, ଅଞ୍ଚଳବାସୀଙ୍କ ସମେତ ସମ୍ମିଳନୀ ପକ୍ଷରୁ ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ପାଳକ ଆଚାର୍ଯ୍ୟ ଇସ୍ରାଏଲ ବର୍ଦ୍ଧନ ୧୯୯୧ ମସିହା ଜାନୁୟାରୀ ୨୧ ତାରିଖରୁ ବଡ଼ପଦା ଶତାବ୍ଦୀ ବାପଟିଷ୍ଟ ମଣ୍ଡଳୀରେ ପାଳକ ଭାବେ ସେବା କାର୍ଯ୍ୟ କରିଆସୁଥିଲେ। ସେବାକାର୍ଯ୍ୟ ମଧ୍ୟରେ ଉତ୍କଳ ବାପଟିଷ୍ଟ ମଣ୍ଡଳୀ ସମ୍ମିଳନୀ ଅନୁଷ୍ଠାନରେ ବିଭିନ୍ନ ପଦ ପଦବୀରେ ରହି କାର୍ଯ୍ୟ କରିଥିଲେ। ଅଞ୍ଚଳରେ ଶୋକାକୁଳ ପରିବେଶ ମଧ୍ୟରେ ପ୍ରତ୍ୟେକ ମଣ୍ଡଳୀର ପାଳକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଣ ବହୁ ସଂଖ୍ୟକ ଲୋକ ତାଙ୍କର ସମାଧି କ୍ରିୟା ଏବଂ ଶେଷ ଦର୍ଶନ ନିମନ୍ତେ ଆସିଥିଲେ। ତାଙ୍କ ଆତ୍ମାର ଶାଶ୍ୱତ ଶାନ୍ତି କାମନା କରି ସମାଧି କାର୍ଯ୍ୟ ସମାପନ କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

## ବଜ୍ରପାତରେ ୬ ଛେଳି; ୪ ମେଣ୍ଢା ଓ ଗୋଟିଏ ମଇଁଷି ମୃତ

ବାଲିଗୁଡ଼ା, ୧୮।୭ (ସମିସ): ବାଲିଗୁଡ଼ା ବ୍ଲକ କୁଟିକିଆ ପଞ୍ଚାୟତର ସାଉଟିକିଆ ଗ୍ରାମରେ ବଜ୍ରପାତରେ ୬ ଛେଳି, ୪ମେଣ୍ଢା ଓ ଗୋଟିଏ ମଇଁଷିର ମୃତ୍ୟୁ ହୋଇଛି। ଗ୍ରାମର ଛେଳି ଓ ଗୋରୁଗାଇ ପାହାଡ ତଳ ଅଂଶକୁ ଚରିବା ପାଇଁ ଯାଇଥିବା ବେଳେ ଅପରାହ୍ନରେ ବର୍ଷା ସହ ବହୁ ବଜ୍ରପାତ ହୋଇଥିଲା। ବର୍ଷା ହେବା ଯୋଗୁଁ ଛେଳି ଓ ଗୋରୁଗାଇ ଏକ ତେନ୍ତୁଳି ଗଛ ତଳେ ଆଶ୍ରୟ ନେବା ବେଳେ ବଜ୍ରପାତରେ ମୃତ୍ୟୁ ଘଟିଥିଲା। ସମ୍ପଦା ମଲ୍ଲିକଙ୍କ ଗୋଟିଏ ମଇଁଷି, ଜିମାନା ମଲ୍ଲିକଙ୍କ ଗୋଟିଏ ଛେଳି, ଉମେଶ ଚନ୍ଦ୍ର କହଁର ଓ ଗୋପାଳ ମଲ୍ଲିକଙ୍କ ଦୁଇଟି ଲେଖାଏଁ ଛେଳି, ଗଙ୍ଗାଧର ମଲ୍ଲିକ ଗୋଟିଏ ଛେଳି ଓ ଗୋଟିଏ ମେଣ୍ଢା, ଜୈନ ମଲ୍ଲିକ, ଟଙ୍କଧର ମଲ୍ଲିକ ଓ ବାଲିବନ୍ଧୁ ମଲ୍ଲିକ ଗୋଟିଏ ଲେଖାଏଁ ମେଣ୍ଢାର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଘଟଣା ସ୍ଥଳରେ କୁଟିକିଆ ଏଲ୍ଆଇ ଦାଶରଥି ମଲ୍ଲିକ ଓ ତହସିଲ କର୍ମଚାରୀ ପହଞ୍ଚି ତଦନ୍ତ କରିଥିଲେ।



## କଳିଙ୍ଗ ମହାବିଦ୍ୟାଳୟରେ ବନ ମହୋତ୍ସବ

ଜି.ଉଦୟଗିରି, ୧୮।୭ (ସମିସ): ଜି.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ବନ ମହୋତ୍ସବ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ



ଏସିଏଫ୍ କାଜଲ୍ କୁମାରୀ ନାୟକ ଯୋଗ ଦେଇଥିବା ବେଳେ ବନପାଳ ପ୍ରଶାନ୍ତ କୁମାର ସାହୁ, ବନରକ୍ଷକ ବିଭୁ ରଞ୍ଜନ ସାମନ୍ତରାୟ ଓ ନୀଳେନ୍ଦ୍ରି ନାୟକ ଛାତ୍ରଛାତ୍ରୀଙ୍କୁ ଚାରାରୋପଣରେ ସହଯୋଗ କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଗିରିଶ୍ ମୁଠାମାଝି, ସରିତା ମିଶ୍ର ଏବଂ ଯୁବ ରେଡକ୍ରସ୍ କାଉନ୍ସିଲର ତପନ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ବହୁ ଉପାଦେୟ ଚାରାରୋପଣ କରିଥିଲେ।

## 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ



ବାଲିଗୁଡ଼ା/କ.ନୂଆଗାଁ, ୧୮।୭ (ସମିସ): କ.ନୂଆଗାଁ ବୃହଦକାର ଆଦିବାସୀ ବହୁମୁଖୀ ସମବାୟ ସମିତ ପକ୍ଷରୁ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ କାର୍ଯ୍ୟାଳୟ ପରିସରରେ ଚାରାରୋପଣ ଏବଂ ନୂତନ ସଭ୍ୟ ଭୁକ୍ତିକରଣ ଓ ନିର୍ବାଚନ ନିମନ୍ତେ ସଚେତନତା ଶିବିର, ଋଣ ଆଦାୟ ମେଳା, ଜୈବିକ ସାରର ବ୍ୟବହାର ନିମନ୍ତେ ଏକ ସଭା ଆୟୋଜିତ ହୋଇଥିଲା। ଅତିଥି ଭାବେ ଫୁଲବାଣୀ ସମବାୟ ସମିତି ଉପନିବନ୍ଧକ ସନ୍ତୋଷ କୁମାର ଦାସ, ବାଲିଗୁଡ଼ା ବିଏସଏଫ ଡେପୁଟି କମାଣ୍ଡାଣ୍ଟ କମଳ କୁମାର ଦାସ, ବାଲିଗୁଡ଼ା ସମବାୟ ସମିତି ସହକାରୀ ନିବନ୍ଧକ ସୁକାନ୍ତ କୁମାର ପାଢ଼ୀ, ଫୁଲବାଣୀ ସହକାରୀ ନିବନ୍ଧକ ଲଳିତ କୁମାର ପାଢ଼ୀ, ଫୁଲବାଣୀ ଏଏଜିସିଏସ ଜିତେନ୍ଦ୍ର ମିଶ୍ର, ରେଞ୍ଜର ରମାକାନ୍ତ କହଁର, ଜିଲ୍ଲା ପରିଷଦ ସଦସ୍ୟା ଅନିତା ମଲିକ, ବାଲିଗୁଡ଼ା ଆଦିବାସୀ ମହାବିଦ୍ୟାଳୟ ଅଧ୍ୟାପକ ବିଭୁତି ଭୂଷଣ ଆଚାର୍ଯ୍ୟ, ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ପିଇଓ ସ୍ମିତାଶ୍ରୀ ସାହୁ, ବିଏସଏଫ ଇନସପେକ୍ଟର ସଞ୍ଜୟ କୁମାର, ରାଜେଶ କୁମାର ଶନି, ବାଲିଗୁଡ଼ା ଏସଆରସିଏସ ନରେଶ ପ୍ରଧାନ, ବାଲିଗୁଡ଼ା ସମବାୟ ନିରୀକ୍ଷକ ସତ୍ୟବ୍ରତ ସାହୁ, ଅମିତ ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ପ୍ରେମାନନ୍ଦ ପାତ୍ର ସହଯୋଗ କରିଥିଲେ। ବନପାଳ ସୁଶାନ୍ତ କୁମାର ବୈଶାଖୀ ଓ ଫୁଲବାଣୀ ସମବାୟ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ଫିରିଙ୍ଗିଆ, ୧୮।୭ (ସମିସ): ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଗର୍ଭବତୀ କରିବା ପରେ ଯୁବକ ଫେରାର ହୋଇଯାଇଥିଲା। ସମ୍ପୃକ୍ତ ଯୁବକକୁ ଗୋଚ୍ଛାପଡ଼ା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଯୁବକ ଜଣକ ଗୋଚ୍ଛାପଡ଼ା ଥାନା ସଲାଗୁଡା ପଞ୍ଚାୟତ ନେଡିପଦର ଗାଁର ସୁଦାମ ଦିଗାଲ। ସୁଦାମ ୨୦୨୩ରୁ ସେହି ଅଞ୍ଚଳର ଜନୈକ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ବିବାହର ପ୍ରତିଶ୍ରୁତି ଦେବା ସହ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ବାରମ୍ବାର ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ଗର୍ଭବତୀ ହେବା ପରେ ବିବାହ କରିବା ପାଇଁ ସୁଦାମଙ୍କୁ କହିଥିଲେ। କିନ୍ତୁ ସେ ମନା କରିଦେଇଥିଲେ। ନିରୁପାୟ ହୋଇ ଯୁବତୀ ଜଣକ ମେ' ୧୩ରେ ଗୋଚ୍ଛାପଡ଼ା ଥାନାରେ ଏକ ଲିଖିତ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଯୁବତୀ ଜଣକ ଥାନାର ଦ୍ୱାରସ୍ଥ ହେବା ଜାଣି ସୁଦାମ ଫେରାର ହୋଇଯାଇଥିଲା। ବୁଧବାର ସୁଦାମ ନିଜ ଗାଁକୁ ଆସିଥିବା ଖବର ପାଇ ପୁଲିସ ତାକୁ ଗିରଫ କରିବାରେ ସଫଳ ହୋଇଥିବା ଥାନା ଅଧିକାରୀ ଚିରଞ୍ଜୀବ ବେହେରା କହିଛନ୍ତି।

## ହଳଦୀ ଚାଷୀଙ୍କୁ ବିହନ ବଣ୍ଟନ ଓ ପ୍ରଶିକ୍ଷଣ



ରାଇକିଆ, ୧୮।୭ (ସମିସ): କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ ପ୍ରୟାସରେ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହଳଦୀ ଗୁଚ୍ଛ ପ୍ରକଳ୍ପ ରାଇକିଆରେ ଆରମ୍ଭ କରାଯାଇଛି। ଚାଷୀଙ୍କୁ ବିହନ ବଣ୍ଟନ କରାଯିବା ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଦାରିଙ୍ଗିବାଡି ଓ ରାଇକିଆ ବ୍ଲକର ବହୁ ସଂଖ୍ୟାରେ ଚାଷୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସାଂସଦ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ଚାଷୀ ଏହି କାର୍ଯ୍ୟକ୍ରମରେ ଯୋଡ଼ି ହେବାପାଇଁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦି, ବାଲିଗୁଡା ପିଏ ଆଇଟିଡିଏ କୃପାସିନ୍ଧୁ ବେହେରା, ରାଇକିଆ ବିଡିଓ ସବ୍ୟସାଚୀ ସାହୁ, ଦାରିଙ୍ଗିବାଡି ବିଡିଓ ପ୍ରୀତି ରଞ୍ଜନ ରଥ, ବିଜେପି ଜିଲ୍ଲା ସଭାପତି ପଣ୍ଡିତ ବିଶମାଝୀ, ସାଂସଦ ପ୍ରତିନିଧି ସନ୍ତୋଷ ଲେଙ୍କା, ଶ୍ରୀକାନ୍ତ ମହାନ୍ତି, ମାଧମ ଫାଉଣ୍ଡେସନ ପ୍ରୋଗ୍ରାମ ଅଫିସର ସତ୍ୟଜିତ ରାୟ, ପିମେଣ୍ଟା ପ୍ରତିଷ୍ଠାନ ପ୍ରକଳ୍ପ ମୁଖ୍ୟ ଉତ୍କଳ ପଟ୍ଟନାୟକ ଓ ଦୀପଙ୍କର ଜେନା ଯୋଗ ଦେଇଥିଲେ। ସନକ ଦିଗାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସନ୍ତୋଷ ପାତ୍ର ଏବଂ ତାପସ ଦଳବେହେରା ପରିଚାଳନାରେ ସହଯୋଗ କରିଥିଲେ।

# ଗଜପତିରେ ଆଣ୍ଠେଇଛି ଗ୍ରାମୀଣ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ





- ଅବଧିର ଦୁଇବର୍ଷ ପରେ ହୋଇଛି ମାତ୍ର ୧୦ ପ୍ରତିଶତ କାମ
- ପୂର୍ବ ସରକାରଙ୍କ ଅମଳରେ ହୋଇଥିଲା ଲୋକଙ୍କ ନିମନ୍ତେ ବୃହତ୍ତର ଯୋଜନା
- କୁମ୍ଭକର୍ଣ୍ଣ ନିଦ୍ରାରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ

ପାରଳାଖେମୁଣ୍ଡି, ୧୮।୭ (ସମିସ)

ରାଜ୍ୟ ସରକାରଙ୍କ ଚରମ ଅବହେଳାରୁ ଗଜପତି ଜିଲ୍ଲାରେ ଗ୍ରାମୀଣ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଆଣ୍ଠେଇପଡ଼ିଛି। ଦୁଇ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହେବା ପାଇଁ ଦୁଇ ବର୍ଷ ଅବଧି ଦିଆଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ୧୦ ରୁ ୧୫ ପ୍ରତିଶତ କାମ ହୋଇଛି। ଏଭଳି କଚ୍ଛପ ଗତିରେ ରହିଛି ଶହ ଶହ କୋଟି ଟଙ୍କାର ପ୍ରକଳ୍ପ। ଦେଖିଲେ ଲାଗୁଛି ଆଉ ୫ ବର୍ଷ ପରେ ମଧ୍ୟ ଏହା ସମ୍ପୂର୍ଣ୍ଣ ହେବ କି ନାହିଁ। ଗୁମ୍ମା ବ୍ଲକର ବାପନବୁଡି ଗ୍ରାମ ନିକଟରେ ତତ୍କାଳୀନ ସରକାର ଦୁଇ ବ୍ଲକ ନିମନ୍ତେ ଗ୍ରାମୀଣ ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଗୁମ୍ମା ବ୍ଲକର ୧୬ ଓ ରାୟଗଡ଼ ବ୍ଲକର ୨୧ ପଞ୍ଚାୟତକୁ ପାଇପ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ନିର୍ମାଣ ହେଉଥିବା ଏକ ପ୍ରକଳ୍ପ ଅବଧି ସରିବା ପରେ ମଧ୍ୟ ଶେଷ ହେଇନି। ପ୍ରକଳ୍ପ ନିର୍ମାଣ ସ୍ଥାନରେ ଶ୍ରମିକଙ୍କ ଦେଖା ନଥିବା ବେଳେ କାମ ବନ୍ଦ ରହିଛି। ୯.୬.୨୦୨୩ରେ ୨ବର୍ଷ ମଧ୍ୟରେ ନିର୍ମାଣ ଶେଷ ହେବା ଲକ୍ଷ୍ୟ ରଖାଯାଇଥିବା ବେଳେ ୩୨୮.୫୪ କୋଟି ଟଙ୍କାରେ ଚୁକ୍ତି ହୋଇଥିଲା। ଏହା ସହ ୫ବର୍ଷ ପରିଚାଳନା ଓ ରକ୍ଷଣବେକ୍ଷଣ ପାଇଁ ୫୦.୬୨ କୋଟି ଟଙ୍କାରେ ଚୁକ୍ତି ହୋଇଥିଲା। ଏହି ପ୍ରକଳ୍ପ ନିର୍ମାଣ ହାଇଦ୍ରାବାଦ ସ୍ଥିତ ମେଘା ଇଞ୍ଜିନିୟରିଙ୍ଗ ଆଣ୍ଡ ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡ୍ ନାମକ ଏକ ଘରୋଇ କମ୍ପାନୀ ନେଇଛି। କିନ୍ତୁ କମ୍ପାନୀ ଚଞ୍ଚକତା କରି ପେଟି କଣ୍ଟ୍ରାକ୍ଟର, ସବ୍ କଣ୍ଟ୍ରାକ୍ଟରଙ୍କୁ ପ୍ରକଳ୍ପକୁ ଖଣ୍ଡ ଖଣ୍ଡ କରି ନିର୍ମାଣ ପାଇଁ ବାଣ୍ଟିଛି। ଯାହା ଫଳରେ ୨ବର୍ଷରେ ଶେଷ ହେବା କାମ ୧୦ପ୍ରତିଶତ ମଧ୍ୟ ହୋଇନାହିଁ। ତେବେ ନିଜେ ନିର୍ମାଣ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ସହ ଚୁକ୍ତି କରି କାହା ପ୍ରଚ୍ଛଦପଟରେ ଓ କାହା ବଳରେ ବଳିଆନ୍ ହୋଇ ଉକ୍ତ କମ୍ପାନୀ ଲୋକଙ୍କ ହିତ ପାଇଁ ଲୋକଙ୍କ କର ଟଙ୍କାରେ ନାଲି ଆଖି ଦେଖାଉଛି ତାହା ବିରାଟ ବଡ ପ୍ରଶ୍ନ ସୃଷ୍ଟି କରିଛି।

ଅନୁସନ୍ଧାନରୁ ଜଣାପଡ଼ିଛି, ଚୁକ୍ତି ସମୟରେ ବିଜେଡି ସରକାର ରାଜ୍ୟରେ ଥିଲା ବେଳେ ଏବେ ସରକାର ବଦଳିଛି। ୨୦୨୪ ନିର୍ବାଚନ ମଧ୍ୟରେ ୧୦ ପ୍ରତିଶତ କାମ ହୋଇଥିଲା। ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ଥାଇ ମଧ୍ୟ ଆଗେଇ ପାରୁନି। ନିର୍ମାଣାଧିନ ପ୍ରକଳ୍ପର ପରିଚାଳକ ଜାମି ସୁନିଲକୁମାରଙ୍କୁ ପଚାରିଲେ କର୍ତ୍ତୃପକ୍ଷ ସବୁ ଜାଣିଛନ୍ତି ବୋଲି ଉତ୍ତର ଦେଉଛନ୍ତି। ସେପଟେ ପ୍ରକଳ୍ପ ଲାଗି ପୂର୍ବରୁ ପକାଯାଇଥିବା ବିଭିନ୍ନ ସାମଗ୍ରୀ ଯେମିତିକୁ ସେମିତି ପଡ଼ିରହିଛି। କଳଙ୍କି ଲାଗିଥିବା ଲୁହା ଛଡ, ଉଈ ଧରିଥିବା ପ୍ଲାଇଉଡ୍‌ରେ ନିର୍ମାଣ ଚାଲିଛି ପ୍ରକଳ୍ପ। ନିର୍ମମାନର ଓ ମନ୍ଥରଗତିରେ ଚାଲିଥିବା ଏହି ପ୍ରକଳ୍ପର ଭାଗ୍ୟ ଭଗବାନ ହାତରେ ବୋଲି ଅଞ୍ଚଳବାସୀ କୁହାକୁହି ହେଉଛନ୍ତି।

ଏହି ପ୍ରକଳ୍ପ ବିଷୟରେ ଜିଲ୍ଲା ଗ୍ରାମୀଣ ଜଳଯୋଗାଣ ଓ ପରିମଳ ବିଭାଗର କାର୍ଯ୍ୟନିର୍ବାହୀଯନ୍ତ୍ରୀ ଟପ୍ପା ବେହେରାଙ୍କୁ ପଚାରିବାରୁ ସେ ନିର୍ମାଣ କାର୍ଯ୍ୟର ମନ୍ଥରତାକୁ ସ୍ୱୀକାର କରିବା ସହ ୧୫ଦିନକୁ ଥରେ ସମୀକ୍ଷା ହେବ ଏବଂ ଭଲ ସାମଗ୍ରୀରେ ନିର୍ମାଣ କାର୍ଯ୍ୟ ହେବ। ଯଦି ନିର୍ମାଣ ପାଇଁ ୧ ବର୍ଷର ଅଧିକା ସମୟ ମହୁଲତ ଦିଆଯାଏ ସେହି ଅବଧି ମଧ୍ୟରେ ନିର୍ମାଣ ଶେଷ ନହେଲେ ଫାଇନ ସହ ସରକାରୀ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି। ଏହି ପ୍ରକଳ୍ପ କାମରେ ନିୟୋଜିତ ୪ ଚକିଆରେ ଗାଡିରେ ସରକାରୀ କାମରେ ନିୟୋଜିତ ଯାନ ବୋଲି ରାଜ୍ୟ ସରକାରଙ୍କ ଲୋଗୋ ଥିବା ସୂଚନା ଫଳକ ଲଗାଇ ଲୋକଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରାଯାଉଥିବା ଅଭିଯୋଗ ମଧ୍ୟ ହୋଇଛି। ଏହି ପ୍ରକଳ୍ପର ନିର୍ମାଣ କେବେ ଶେଷ ହୋଇ କାର୍ଯ୍ୟକ୍ଷମ ହେବ ତାହା ପ୍ରଶ୍ନ ହୋଇଛି।

## ନଦୀରେ ପଥରବନ୍ଧ ନିର୍ମାଣରେ ତ୍ରୁଟି; ଭୁଶୁଡ଼ିବ ପମ୍ପ ଗୃହ

### ଚାଷୀଙ୍କ ଅଭିଯୋଗ ପରେ ପରିଦର୍ଶନ କଲେ ବିଭାଗୀୟ ଯନ୍ତ୍ରୀ

ପାରଳାଖେମୁଣ୍ଡି,୧୮ ।୭(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବାପୁଜିପେଣ୍ଠ ଠାରୁ ଶରଧାପୁର ମଧ୍ୟରେ ପ୍ରବାହିତ ହେଉଥିବା ମହେନ୍ଦ୍ରତନୟା ନଦୀର ଦୁଇ ପାଶ୍ୱର୍ରେ ୪ ମାସ ହେଲା ପଥରବନ୍ଧ କାମ ଚାଲୁ ରହିଛି । ଏହି ନଦୀ ତଟରେ ଉଠାଜଳସେଚନ ବିଭାଗ ଦ୍ୱାରା ଚାଷଜମିକୁ ଜଳସେଚନ ପାଇଁ ପମ୍ପହାଉସ ରହିଛି । ହେଲେ ନଦୀ ତଟରେ ଥିବା ପମ୍ପହାଉସ ଗୁଡିକ ପଛ ପାଶ୍ୱର୍ରେ ପଥର ପ୍ୟାକିଂ ନକରି ଛାଡି ଦିଆଯାଇଥିବାରୁ ତାହା ବିପଦସଂକୁଳ ଅବସ୍ଥାରେ ରହିଛି । କୌଣସି ସମୟରେ ପମ୍ପଗୃହ ଭୁଶୁଡିବାର ଆଶଙ୍କା ଦେଖା ଦେଇଛି । ଏହାକୁ ନେଇ ବାପୁଜୀପେଣ୍ଠ ଅଞ୍ଚଳ ଚାଷୀ ପଥରବନ୍ଧ ନିର୍ମାଣ କରୁଥିବା ଠିକାଦାରଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପମ୍ପହାଉସ ନମ୍ବର ୩ ଓ ୫ର ପଛପାଶ୍ୱର୍ରେ ପଥର ପ୍ୟାକିଂ ନ ଦେଲେ ସେସବୁ କୌଣସି ସମୟରେ ଭୁଶୁଡିବା ଆଶଙ୍କା ରହିଛି । ଏସମ୍ପର୍କରେ ଚାଷୀ ଜଳସମ୍ପଦ ବିଭାଗ ନିକଟରେ ଅଭିଯୋଗ କରିବା ପରେ ଶୁକ୍ରବାର ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ମୋହିତ ଆଚାର୍ଯ୍ୟଙ୍କ ସମେତ କନିଷ୍ଠଯନ୍ତ୍ରୀ ଏବଂ ଚାଷୀମାନେ ପମ୍ପହାଉସ୍ ଓ ନଦୀତଟ ବୁଲି ପରିସ୍ଥିତିର ଅନୁଧ୍ୟାନ କରିଥିଲେ । ଦୁଇ ଦିନ ମଧ୍ୟରେ ପମ୍ପହାଉସ୍ ପଛପାଶ୍ୱର୍ରେ ପଥର ପ୍ୟାକିଂ ନିର୍ମାଣ କାମ ଆରମ୍ଭ ହୋଇଯିବ । ଯଦ୍ୱାରା ପମ୍ପହାଉସ୍ ଗୁଡିକ ସୁରକ୍ଷିତ ଭାବେ ରହିବ ବୋଲି ପରିଦର୍ଶନ କରିବା ପରେ ସହକାରୀ ନିର୍ବାହୀଯନ୍ତ୍ରୀ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।





### ସରକାର ଶୁଣିଲେନି

## ୭ ଖଣ୍ଡ ଗାଁର ଚାଷୀ କଲେ କେନାଲ ମରାମତି

ଜି.ଉଦୟଗିରି,୧୮ ।୭(ସମିସ): ସିକିକି ଡ୍ୟାମ ଜଳସେଚନ ଉପରେ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ମାଲିକପଡି, ଜଡ଼ଙ୍ଗବାଲି, ବଡେନାଜୁ, କୁପାଗୁଡା, ନୁଆସାହି, କଣବଗିରି, ବାଲୁପାଙ୍ଗ ।, ସାତ ଖଣ୍ଡ ଗ୍ରାମର ଚାଷୀ ନିର୍ଭର କରୁଥିବା ବେଳେ ସରକାରଙ୍କ ଅବହେଳାରୁ କେନାଲ କେନାଲ ଭାଙ୍ଗିରୁଜି ଯାଇଛି । ଯାହାକୁ ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିବା ସହିତ ପାଞ୍ଚ ବର୍ଷ ହେଲା ନିଜେ ଖର୍ଚ୍ଚ କରି କେନାଲ ମରାମତି କାର୍ଯ୍ୟ କରିଆସୁଛନ୍ତି । ଚଳିତ ବର୍ଷ ୧୦ ଦିନ ହେଲା କେନାଲ ମରାମତି କାମ ଚାଲିଥିଲା ବେଳେ ଆଜି ଶେଷ ହୋଇଛି । ୨୫ରୁ ୩୦ ଚାଷୀ ପଚାଶ ହଜାରରୁ ଅଧିକ ଟଙ୍କା ଖର୍ଚ୍ଚ କରି କେନାଲ ମରାମତି କାମ ଶେଷ କରିଛନ୍ତି । ଆସନ୍ତାକାଲି ଠାରୁ ପାଣି ଛାଡ଼ିଲେ ତଳି ପଡ଼ିବ ବୋଲି କୁହାଯାଇଛି । ବିଳମ୍ବ ହେଲେ ଚାଷ ପ୍ରାଭାବିତ ହେବା ସମ୍ଭାବନା ରହିଥିବାରୁ ଚାଷୀ ତରତର ହେଉଥିବା ବେଳେ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି । କେବଳ ବିଭାଗୀୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ସରକାର ସବୁ କରିଦେବେ କହି ଦାୟିତ୍ୱ ସାରି ଦେଇଛନ୍ତି । କିନ୍ତୁ ଚାଷୀ ତାର କର୍ତ୍ତବ୍ୟ କରି ଚାଲିଛି । ଗତବର୍ଷ ମରୁଡିରେ ଫସଲ ଉଜୁଡି ଯାଇଥିବା ବେଳେ ଚଳିତ ବର୍ଷ ସେମିତି ହେବାକୁ ଦେବେନି । ସେଥିପାଇଁ ସମସ୍ତେ ଏକାଠି ହୋଇଛି ଲାଗିପଡିଛନ୍ତି କାମରେ । ଆଉ ଏକତାର ବଳ ଦେଖାଇଛନ୍ତି । ୧୦ ଦିନ ଧରି ଚାଷୀ କରୁଣାକର ପ୍ରଧାନ, ଉଦେଶନ ପ୍ରଧାନ, ଯମେସ ପ୍ରଧାନ, ଜାଣିତ ପ୍ରଧାନ, ବାଳକୃଷ୍ଣ ପ୍ରଧାନ, ଗୋରା ପ୍ରଧାନ, ସୁଆର ପ୍ରଧାନ, ଆମର ପ୍ରଧାନ, ବେନୁପାଣି ପ୍ରଧାନ, ନିକୁଞ୍ଜ ପ୍ରଧାନ, ସାହିଲ ପ୍ରଧାନ, ଦେନା ପ୍ରଧାନ, ସୁକୁରୁ ପ୍ରଧାନ, ରଞ୍ଜନ ସାହୁ, ଶକ୍ତି ପ୍ରଧାନ, ସୁଦିପ ପ୍ରଧାନ କାମରେ ଲାଗି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ।

- ବିଭାଗୀୟ ଅଧିକାରୀ ନିରବଦ୍ରଷ୍ଟା
- ମରାମତି ପାଇଁ ଲାଗିଲା ୧୦ ଦିନ



## ସାତମାଇଲ ଛକ-ଅଙ୍ଗରଡା ଆର୍‌ଡି ରାସ୍ତା ଶୋଚନୀୟ

ଗୋଷାଣି,୧୮ ।୭(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବାଘଶାଳା ପଞ୍ଚାୟତ ଅନ୍ତର୍ଗତ ସାତମାଇଲ ଗ୍ରାମ ଛକଠାରୁ ଅଙ୍ଗରଡା ରାସ୍ତା ଶୋଚନୀୟ ହୋଇପଡିଛି । ରାସ୍ତା ଖରାପ ଯୋଗୁ ଗୋଷାଣି ଓ ଗୁମ୍ମା ବ୍ଲକର ଜନସାଧାରଣ ଯାତାୟାତରେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉଲ୍ଲିଖିତ ୮ କିମି ରାସ୍ତାର ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୨୦୧୯ ମସିହାରେ ନିର୍ମାଣ ପାଇଁ ୩୩୪୨୮ ଲକ୍ଷ ଟଙ୍କା ବ୍ୟୟମଞ୍ଜୁର ହୋଇ ନିର୍ମାଣ ସରିଥିଲା । ଚୁକ୍ତିନାମାରେ ଠିକାଦାରଙ୍କ ଦ୍ୱାରା ପାଞ୍ଚବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ହେବ ବୋଲି ରହିଛି । ହେଲେ ୨୦୧୯ରେ ନିର୍ମାଣ ହେବା ପର ଠାରୁ ଆଜିଯାଏଁ ଏହି ରାସ୍ତାର ମରାମତି କରାଯାଇନଥିବା ଅଞ୍ଚଳବାସୀ କହିଛନ୍ତି । ଫଳରେ ରାସ୍ତାର ସ୍ଥାନେ ସ୍ଥାନେ ପିଚୁ ଗୋଡି ଉଠିଯାଇ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇପଡିଛି । ଏହା ଏବେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି । ଖାଲଖମା ଯୋଗୁଁ ଦୈନନ୍ଦିନ ଛୋଟ ବଡ ଦୁର୍ଘଟଣା ଘଟୁଛି । ଏହି ରାସ୍ତା ଉପରେ ଖରଷଣ୍ଡା, ସନ୍ତୋଷପୁର, ଜର୍ଲଣ୍ଡା, ବାର୍ଲଣ୍ଡା, ବାନଗାରାରା ଆଦି ଗ୍ରାମାଞ୍ଚଳର ଲୋକେ ବ୍ଲକ ସଦର ମହକୁମା ଗୋଷାଣି ହେଉକି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଯାତାୟାତ ପାଇଁ ନିର୍ଭର କରିଥାନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ବଜାରହାଟ ଆଦି ସମେତ କର୍ମକ୍ଷେତ୍ରକୁ ଯିବାଆସିବା କରିଥାନ୍ତି । ସେହିପରି ଗୁମ୍ମା ବ୍ଲକର ଅଜୟଗଡ, ନାମନଗଡ, ଆନନ୍ଦପୁର, ଆଦି ଗ୍ରାମର ଲୋକେ ଆର୍.ଉଦୟଗିରି, ରାୟଗଡ, ରାମଗିରି, କୁଜାସିଂ ଆଦିକୁ ଯିବା ଆସିବାପାଇଁ ମୁଖ୍ୟତଃ ଏହି ରାସ୍ତା ସ୍ୱଳ୍ପ ଦୂରତା ପଡୁଥିବାରୁ ନିର୍ଭର କରିଥାନ୍ତି । ଏପରି ଏକ ଗୁରୁତ୍ୱପୂର୍ଣ୍ଣ ମୁଖ୍ୟ ରାସ୍ତା ଏବେ ଶୋଚନୀୟ ହୋଇପଡିଛି । ଏନେଇ ଅଞ୍ଚଳବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନ ନିକଟରେ ଗୁହାରି କରିଥିଲେ ହେଁ କିଛି ସୁଫଳ ମିଳୁନି । ଆଗାମୀ ଦିନରେ ରାସ୍ତା ନିର୍ମାଣ ଲାଗି କୌଣସି ବ୍ୟବସ୍ଥା କରାନଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି କୁହାଯାଇଛି ।



### ଜନନୀ ଯନ୍ତ୍ରଣା

## ମିଳିଲାନି ଆମ୍ବୁଲାନ୍ସ; ଘରୋଇ ଗାଡ଼ିରେ ସ୍ୱାସ୍ଥ୍ୟକେନ୍ଦ୍ର ଆସିଲେ ପ୍ରସୂତି

ମୋହନା,୧୮ ।୭(ସମିସ)

ଗଜପତି ଜିଲ୍ଲା ମୋହନାରେ ପୁଣି ଜନନୀ ଯନ୍ତ୍ରଣା । ଗର୍ଭବତୀଙ୍କୁ ମିଳିପାରିଲା ନାହିଁ ୧୦୮ ଆମ୍ବୁଲାନ୍ସ ସେବା, ଟ୍ୟାକ୍ସିରେ ଚନ୍ଦ୍ରଗିରି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚାଇଲେ ଗାଁ ଲୋକେ । ଏପରି ଅଭିଯୋଗ କରିଛନ୍ତି ଗଜପତି ଜିଲ୍ଲା ମୋହନା ବ୍ଲକ ଚୂଡ଼ଙ୍ଗପୁର ପଞ୍ଚାୟତ ଅଧିନସ୍ଥ ଝରଣପୁର ଗ୍ରାମବାସୀ ।

ଆମ୍ବୁଲ୍ଲାସ ସେବାରୁ ବଞ୍ଚିତ ମହିଳା ଜଣକ ହେଲେ ଝରଣପୁର ଗ୍ରାମର ସଞ୍ଜୟ ଭୂୟାଁଙ୍କ ସ୍ତ୍ରୀ ସୁବଧାନି ଭୂୟାଁ (୨୨) । ଗାଁ ଲୋକେ ୧୦୮ ଆମ୍ବୁଲାନ୍ସକୁ ବାରମ୍ବାର ଫୋନ୍ କରିଥିଲେ ମଧ୍ୟ ପହଞ୍ଚି ପାରିଲା ନାହିଁ । ଗୁରୁବାର ରାତି ୧୧ ଟା ସମୟରେ ସୁବଧାନିଙ୍କ ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା । କିଛି ସମୟ ଅପେକ୍ଷା ପରେ ଗାଁ ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ।



ରାତି ୧ଟା ବେଳକୁ ବାରମ୍ବାର ୧୦-୧୨ ଥର ଫୋନ୍ କରିବା ସତ୍ତ୍ୱେ ୧୦୮ ଆମ୍ବୁଲାନ୍ସ ଆସିନ ଥିଲା । ପରେ ଗ୍ରାମବାସୀ ଏକ ଘରୋଇ ଟାକ୍ସି ଗାଡ଼ି ଡାକି ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଗର୍ଭବତୀ ମହିଳାଙ୍କୁ ନେଇଥିଲେ । କେଉଁ କାରଣରୁ ୧୦୮ ଆମ୍ବୁଲାନ୍ସ ସୁବଧାନିଙ୍କୁ ଯୋଗାଇ ଦିଆଗଲା ନାହିଁ ଏ ନେଇ ୧୦୮ ଆମ୍ବୁଲାନ୍ସ କାର୍ଯ୍ୟାଳୟକୁ ଯୋଗା ଯୋଗ କରାଯିବାରେ ଆମ୍ବୁଲାନ୍ସ କାର୍ଯ୍ୟାଳୟର ଟୋଲ୍ ଫ୍ରି ସେବାକାରୀ ଉତ୍ତର ଦେଇ ନ ଥିଲେ ।

## ରାଙ୍କୁଡା ମୌଜାର ପ୍ଲଟ ପରିଚାଳନା ପାଇଁ ଦୁଇ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ

ପାରଳାଖେମୁଣ୍ଡି,୧୮ ।୭(ସମିସ): ଗଜପତି ଜିଲ୍ଲା ମୋହନା ବ୍ଲକ ରାଙ୍କୁଡା ଓ ଖସଡା ଗ୍ରାମର ଗ୍ରାମବାସୀ ପ୍ଲଟର ପରିଚାଳନା ନିମନ୍ତେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଚନ୍ଦ୍ରଗିରି ରାଜସ୍ୱ ସର୍କଲରେ ଥିବା ରାଙ୍କୁଡା ମୌଜାର ପ୍ଲଟ ନଂ ୩୦୮ ଓ ୩୦୯ ପ୍ଲଟରେ ଖସଡା ଜଳପ୍ରପାତ ଓ ରାମମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନଙ୍କ ଗାଡି ରହିବା ପାଇଁ ବ୍ୟବସ୍ଥା ହୋଇଛି । ସେଥିରେ ଯାହା ଆଦାୟ ହେଉଛି ତାହା ମନ୍ଦିର ପରିଚାଳନା ତଥା ଜଳ ପ୍ରପାତ ସ୍ଥଳର ବିକାଶରେ ବିନିଯୋଗ ହୋଇଥାଏ । ତେବେ ୭ ବର୍ଷ ହେଲା ଜିରାଙ୍ଗ ପଞ୍ଚାୟତ ଅନ୍ତର୍ଗତ ବୁରୁପଦା ଗ୍ରାମର କିଛି ବ୍ୟକ୍ତି ଏହି ଜଳପ୍ରପାତକୁ ଦେଖାଇ ଆଜି ପର୍ଯ୍ୟନ୍ତ ପାଉଣା ଆଦାୟ କରି ଆସୁଥିଲେ । ଏନେଇ ଗତ ମେ' ମାସରେ ପ୍ରତିବାଦ କରିବାରୁ ସେମାନେ ଟେଣ୍ଡର ନେଇ କାମ କରୁଛୁ ବୋଲି କହିଥିଲେ । ଏହା ପରେ ରାଙ୍କୁଡା ଓ ଖସଡା ଗ୍ରାମବାସୀ ନିରବ ରହିଥିଲେ । ବର୍ତ୍ତମାନ ପ୍ରଶାସନିକ ନିର୍ଦ୍ଦେଶରେ ଫି' ଆଦାୟ ସ୍ଥଗିତ ରହିଛି । ଯାହାକି ମନ୍ଦିର ପରିଚାଳନା ଓ ଜଳପ୍ରପାତ ଉନ୍ନତିକରଣରେ ବାଧା ସୃଷ୍ଟି ହେଉଛି । ଉଭୟ ରାଙ୍କୁଡା ଓ ଖସଡା ଗ୍ରାମର ସମସ୍ତ ଗ୍ରାମବାସୀ ସହମତି କ୍ରମେ ନିଷ୍ପତ୍ତି ନେଇ ପ୍ଲଟ ନଂ-୩୦୮ ଓ ୩୦୯ରେ ପାର୍କିଂ ଫି ଆଦାୟ ରାଶି ମନ୍ଦିର ପରିଚାଳନା କମିଟିକୁ ହସ୍ତାନ୍ତର କରି, ମନ୍ଦିର ପରିଚାଳନା ଓ ଜଳ ପ୍ରପାତର ବିକାଶ ଦିଗରେ ବିନିଯୋଗ କଲେ କୌଣସି ଆପତ୍ତି ରହିବ ନାହିଁ ବୋଲି ଜିଲ୍ଲା ପ୍ରଶାସନକୁ ଜଣାଇଛନ୍ତି । ଏହା ସହ ଏ ସମ୍ପର୍କିତ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କୁ ପ୍ରଦାନ କରି ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି ।



## ସାଇବର ଥାନାରେ ଏତଲା ଦେବାକୁ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ

### ଅନିୟମିତାରେ ହାତେଇଥିବା ଡେଲିଭରି ସାର୍ଟିଫିକେଟ୍ ପ୍ରଦାନ ଘଟଣା

ଛତ୍ରପୁର,୧୮ ।୭(ସମିସ): ଅନିୟମିତତା ଭାବେ ହାତେଇଥିବା ଗଞ୍ଜାମ ଜିଲ୍ଲା ପୁରୁଷୋତମପୁର ବ୍ଲକ ବାଲିଆ ଗ୍ରାମର ମା'ତାରିଣୀ ରାଇସ୍ ମିଲ୍‌କୁ ଚାଉଳ ପୈଠ ନିର୍ଦ୍ଦେଶର ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଛି । ଗଞ୍ଜାମ ଜିଲ୍ଲା ଯୋଗାଣ ବିଭାଗର ଅଭିଯୋଗ କ୍ରମେ ରାଜ୍ୟ ଯୋଗାଣ ବିଭାଗର ବୈଷୟିକ ପ୍ରତିନିଧି ଦଳ ୨ଟି ଇଣ୍ଟରନେଟ୍ ପ୍ରୋଟକଲ(ଆଇପି) ହାଇଜାକ୍ ହୋଇଥିବା ତଥ୍ୟ ହାସଲ କରିଛି । ୧୦୩.୨୪.୮୪.୨୪୫. ଓ ୧୩୯.୫.୧୦.୧୭୨. ଏହି ୨ଟି ଇଂଟରନେଟ୍ ପ୍ରୋଟକଲ(ଆଇପି)କୁ ହାଇଜାକ୍ କରି ପୁରୁଷୋତ୍ତମପୁର ବ୍ଲକ ବାଲିଆ ଗ୍ରାମର ମା' ତାରିଣୀ ରାଇସ୍ ମିଲ୍‌କୁ ଡିପୋରେ ଚାଉଳ ପୈଠ ପାଇଁ ଡେଲିଭରି ସାର୍ଟିଫିକେଟ୍ ମିଳିଥିଲା । ଏହା ସମ୍ପୂର୍ଣ୍ଣ ଭାବେ ଅନିୟମିତତା ଏବଂ ସାଇବର ଠକେଇ ଭାବେ ଜଘନ୍ୟ ଅପରାଧ । ଏଣୁ ଏ ସଂକ୍ରାନ୍ତରେ ସାଇବର ଥାନାରେ ତୁରନ୍ତ ଏତଲା ଦେବା ନିମନ୍ତେ ରାଜ୍ୟ ଯୋଗାଣ ବିଭାଗର ମ୍ୟାନେଜିଂ ଡାଇରେକ୍ଟର କେ.ସୁଦର୍ଶନ ଚକ୍ରବର୍ତ୍ତୀ ଗଞ୍ଜାମ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ୯୮୦୨ ପତ୍ର ସଂଖ୍ୟା ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ଯୋଗାଣ କାର୍ଯ୍ୟାଳୟର ୧୦୩.୨୪.୮୪.୨୪୫. ଓ ୧୩୯.୫.୧୦.୧୭୨. ଏହି ୨ଟି ଇଂଟରନେଟ୍ ପ୍ରୋଟକଲ(ଆଇପି)କୁ ହାଇଜାକ୍ କରି ଯେଉଁମାନେ ଏଭଳି ଜଘନ୍ୟ ଅପରାଧ ଭଳି କାର୍ଯ୍ୟ କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଯେପରି ଗ୍ରହଣକରାଯିବ ସେଥିପ୍ରତି ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ ମଧ୍ୟ ନିର୍ଦ୍ଦେଶ ରହିଛି ।

### ବିବାଦୀୟ ଡାକ୍ତରବାଞ୍ଜିରୀରେ ଜନ୍ମଦିନ ପାଳିଲେ ବିଧାୟକ

## ଭିଟାମାଟି ସୁରକ୍ଷା ପାଇଁ ଆଦିବାସୀଙ୍କୁ ଦେଲେ ପ୍ରତିଶ୍ରୁତି

ପାରଳାଖେମୁଣ୍ଡି,୧୮ ।୭(ସମିସ): ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ନିଜର ଜନ୍ମଦିନ ନିଆରା ଢଙ୍ଗରେ ପାଳିଛନ୍ତି । ଆଜି ତାଙ୍କର ଜନ୍ମଦିନ ଅବସରରେ ସବୁ ମହଲରୁ ଶୁଭେଚ୍ଛା ଛୁଟୁ ଥିବା ବେଳେ ବିଧାୟକ ଶ୍ରୀ ପାଣିଗ୍ରାହୀ ବିବାଦରେ ଥିବା ଗୋଷାଣି ବ୍ଲକ କତଳକଇଠା ପଞ୍ଚାୟତ ଡାକ୍ତରବାଞ୍ଜିରୀ ଗ୍ରାମର ଆଦିବାସୀଙ୍କ ସହ ପାଳନ କରିଛନ୍ତି । ସେମାନଙ୍କ ସହ ଆଲୋଚନା କରି ଆଶୀର୍ବାଦ ଲୋଡିଥିଲେ ।

ସୂଚନାଯୋଗ୍ୟ ଯେ, ଗତ କିଛିଦିନ ହେଲା ଏହି ଡାକ୍ତରବାଞ୍ଜିରୀ ଗ୍ରାମର ଆଦିବାସୀ ଜନଭରା ବସତି ସହ ସ୍କୁଲ, ଚର୍ଚ୍ଚ ଥିବା ପ୍ଲଟ ସହ ୪୭ ଏକର ଜାଗା ବିକ୍ରି ହୋଇଯାଇଛି । ତେଣୁ ଏହା ଗତ କିଛି ଦିନ ହେଲା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି । ଏମାନଙ୍କ ନିକଟରେ କୌଣସି ଭୂମି କିମ୍ବା ଜାଗା ନଥିବା ବେଳେ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଆବାସ ଓ ଆନୁଷଙ୍ଗିକ ବ୍ୟବସ୍ଥାରେ ରହିଆସୁଥିଲେ । ଏହି ଗାଁ ଜଣେ ପଟ୍ଟାଦାରଙ୍କ ନାମରେ ଥିବାରୁ ସେ ଏହାକୁ ୧.୪୪ କୋଟି ଟଙ୍କା ଦେଇ ବିକ୍ରି କରିଦେଇଛନ୍ତି । ଆଜି ବିଧାୟକ ଆଶ୍ୱସନା ଦେଇ ଭିଟାମାଟିରୁ କେହି ହେଲେ ଉଚ୍ଛେଦ କରିପାରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏନେଇ ବିଧାନସଭାରେ ପ୍ରସଙ୍ଗ ଉଠାଯିବ ବୋଲି କହିଛନ୍ତି । ପ୍ରଥମେ ବିଧାୟକ ଶ୍ରୀ ପାଣିଗ୍ରାହୀ ଗ୍ରାମରେ ପହଞ୍ଚିବା ପରେ ମନ୍ଦିର ଏବଂ ପରେ ଚର୍ଚ୍ଚକୁ ଯାଇ ଆଶୀର୍ବାଦ ନେଇଥିଲେ । ଶେଷରେ ଗ୍ରାମର ବିଦ୍ୟାଳୟ ପରିଦର୍ଶନ କରି କିନି କୁନି ପିଲାଙ୍କ ସହିତ କେକ୍ କାଟି ଜନ୍ମଦିନ ପାଳିଥିଲେ । ମଧ୍ୟାହ୍ନରେ ଗ୍ରାମବାସୀଙ୍କ ସହ ମିଶି ମଧ୍ୟାହ୍ନ ଭୋଜନରେ ସାମିଲ ହୋଇଥିଲେ । ଏହି ଅବସରରେ ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକ, ଜିଲ୍ଲାପରିଷଦ ସଭ୍ୟ ଏସ୍. ବାଲାରାଜୁ, ଏସ୍. ଲିଙ୍ଗରାଜୁ, ଗୋଷାଣି ବ୍ଲକ ଅଧକ୍ଷ ଏନ୍.ବୀରରାଜୁ, ଗୁମ୍ମା ବ୍ଲକ ଅଧକ୍ଷା ସୁନେମୀ ମଣ୍ଡଳ, କାଶୀନଗର ବ୍ଲକ ଅଧକ୍ଷା ବି.ସାୟାମ୍ମା, କୃଷକ ନେତା ସୂର୍ଯ୍ୟନାରାୟଣ ପଟ୍ଟନାୟକଙ୍କ ସମେତ ଶତାଧିକ ବିଜେଡି କର୍ମୀ ଓ ଜନସାଧାରଣ ଯୋଗଦେଇ ବିଧାୟକଙ୍କ ଦୀର୍ଘାୟୁ କାମନା କରିଥିଲେ ।



## ବନ୍ଧୁକ ଦେଖାଇ ଯୁବକକୁ ଆକ୍ରମଣ ଅଭିଯୋଗ

ବ୍ରହ୍ମପୁର,୧୮ ।୭(ସମିସ): କୁକୁଡ଼ାଖଣ୍ଡି ହରିଜନସାହି ସ୍ଥିତ ଏକ କୋଠାଘରେ ବନ୍ଧୁକ ଦେଖାଇ ଜଣେ ଯୁବକକୁ ହତ୍ୟା ଧମକ ସହ ଖଣ୍ଡାରେ ଆକ୍ରମଣ ନେଇ ଥାନାରେ ଅଭିଯୋଗ ହୋଇଛି । ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ସୂଚନାଯୋଗ୍ୟ ଯେ, ୧୬ତାରିଖ ଅପରାହ୍ନ ୪ଟାରେ କୁକୁଡ଼ାଖଣ୍ଡି ଚୌଧୁରୀ ନଗରର ଇ. ଆଦିତ୍ୟ ଦୋରା(୧୮) ସ୍ଥାନୀୟ ମହାଦେବ ମନ୍ଦିରକୁ ଦର୍ଶନ କରିବାକୁ ଯିବାବେଳେ ବର୍ଷା ହୋଇଥିଲା । ଫଳରେ ଆଦିତ୍ୟ ହରିଜନ ସାହି ସ୍ଥିତ ଏକ କୋଠାଘରେ ଅଟକି ଯାଇଥିଲେ । ସେଠାରେ ପୂର୍ବରୁ ଦିଲ୍ଲୀପ, ରାହୁଲ, ଦୀପକ, ଲବ ଏବଂ ଓ ନାରୁ ଆଦି ଯୁବକ ଖଣ୍ଡା, କାତି ଓ ଭୁଜାଲି ଭଳି ମାରଣାସ୍ତ୍ର ଧରି ରହିଥିଲେ । ଆଦିତ୍ୟଙ୍କୁ ଦିଲ୍ଲୀପ ଏକ ଦେଶୀ ବନ୍ଧୁକ ଦେଖାଇ ଜୀବନରୁ ମାରିଦେବାକୁ ଧମକ ଦେବା ସହ ସହଯୋଗୀଙ୍କ ସହ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଆକ୍ରମଣରେ ଆଦିତ୍ୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ସେ ଘଟଣାକୁ ନେଇ ସଦର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୁଲିସ ଘଟଣାସ୍ଥଳକୁ ଯାଇ ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ କରିଥିଲା । ପରେ ଉକ୍ତ ଘଟଣାରେ ସମ୍ପୃକ୍ତ ଏକାଧିକ ଯୁବକକୁ ଥାନାକୁ ଆଣି ପୁଲିସ ପଚରାଉଚରା କରୁଥିବା ଜଣାପଡିଛି ।

## ବିରୁଡି ଆକ୍ରମଣରେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଆହତ

ପାରଳାଖେମୁଣ୍ଡି,୧୮ ।୭(ସମିସ): ପାରଳାଖେମୁଣ୍ଡି ନିୟନ୍ତ୍ରିତ ବଜାର କମିଟି ଗୋଦାମ ପରିସରରେ ବିରୁଡି ଆକ୍ରମଣରେ କମିଟି ସମ୍ପାଦକ ରେବତୀ ମୋହନ ରାଉତ ଆହତ ହୋଇଛନ୍ତି । ଶ୍ରୀ ରାଉତ ଗୋଦାମ ପରିଦର୍ଶନ କରୁଥିବା ବେଳେ ହଠାତ୍ ବିରୁଡି ଆକ୍ରମଣ କରିଥିଲା । ସେଠାରେ ଉପସ୍ଥିତ ବିଭାଗୀୟ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍‌ଥିବା ଜଣାପଡିଛି ।

## ଜିଲ୍ଲା ଉନ୍ନୟନ କମିଟି ତଦାରଖ ବୈଠକ

ବ୍ରହ୍ମପୁର/ଛତ୍ରପୁର,୧୮ ।୭(ସମିସ): ଆସିକା ସାଂସଦ ଅନୀତା ଶୁଭଦର୍ଶିନୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଉନ୍ନୟନ, ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଗୁଡ଼ିକ କିଭଳି ଲୋକଙ୍କ ନିକଟରେ ପହଞ୍ଚିବ ସେଥିନିମନ୍ତେ ବ୍ୟାପକ ସଚେତନତା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଅଧିକାରୀମାନେ ଗାଁରେ ପହଞ୍ଚି ଲୋକଙ୍କୁ ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ୱାଲ ଓ ଲିଫଲେଟ ବଣ୍ଟନ କରିବାକୁ ଗୁରୁତ୍ୱ ଦେଇଥିଲେ । ପ୍ରତ୍ୟେକ ବିଭାଗର ଅଧିକାରୀମାନେ ପ୍ରଥମେ ଡ଼ିପିଆର ଓ ରୋଡ଼ମ୍ୟାପ ପ୍ରସ୍ତୁତ କରିବା ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ସେହିପରି ଆସିକା ସାଂସଦ ଅଧିକାରୀମାନେ ପ୍ରଥମେ ସରକାରୀ ଯୋଜନା ସମ୍ପର୍କରେ ଜାଣନ୍ତୁ ଓ ପଞ୍ଚାୟତୱାରୀ ରୋଡ଼ମ୍ୟାପ ତିଆରି କରନ୍ତୁ ବୋଲି କହିଥିଲେ । ପ୍ରତ୍ୟେକ ୧୫ଦିନକୁ ଥରେ ଦୁଇଟି ବିଭାଗର ସମୀକ୍ଷା କରାଯିବ ବୋଲି ସେ ଏଠାରେ କହିଛନ୍ତି । ଜଳ ଓ ପରିମଳ, ପଶୁସମ୍ପଦ, ମତ୍ସ୍ୟଠାରୁ ଆରମ୍ଭ କରି ବିଭିନ୍ନ ବିଭାଗର ସମୀକ୍ଷା କରାଯାଇଥିଲା । ଶିକ୍ଷା ବିଭାଗରେ ୧୫ଜଣ ଶିକ୍ଷକଙ୍କ ବଦଳି ଲାଗି ସ୍ଥାନୀୟ ବିଧାୟକମାନେ ସୁପାରିଶ କରିପାରିବେ ବୋଲି ନୟମ ରହିଥିଲେ ହେଁ ସାନଖେମୁଣ୍ଡି ବିଧାୟକଙ୍କ ସୁପାରିଶରେ ବ୍ୟତିକ୍ରମ ହୋଇଥିବା ସେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିଲେ । ବୈଠକରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ କହିଥିଲେ ଯେ, ଗ୍ରାମାଞ୍ଚଳ ଭଳି ସହରାଞ୍ଚଳ ଗୁଡ଼ିକରେ ମଧ୍ୟ ମତ୍ସ୍ୟ ବିଭାଗର ଯୋଜନା ଗୁଡ଼ିକ କିପରି କାର୍ଯ୍ୟକାରୀ ହେବ ତାହା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଉପାଧ୍ୟକ୍ଷା ଏସ ରାଜେଶ୍ୱରୀ ଦୋରା, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁମିତାଙ୍କ ସମେତ କମିଟିର ଅନ୍ୟାନ୍ୟ ସଦସ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଗୃହରକ୍ଷୀ ମନୋନୟନ ନେଇ ଅଭିଯୋଗ ଶୁଣିଲେ ଦକ୍ଷିଣାଞ୍ଚଳ ଆଇଜି

ପାରଳାଖେମୁଣ୍ଡି,୧୮ ।୭ (ସମିସ)

ଗଜପତି ଜିଲ୍ଲାରେ ଗୃହରକ୍ଷୀ ମନୋନୟନ ପ୍ରକ୍ରିୟା ସମ୍ପର୍କରେ ଅଭିଯୋଗ ଶୁଣାଣି ପାଇଁ ଆଜି ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ଗଜପତି ଗସ୍ତରେ ଆସିଥିଲେ । ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ରାଣୀପେଣ୍ଠ ସ୍ଥିତ ଆରକ୍ଷୀ କାର୍ଯ୍ୟାଳୟରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ମନୋନୟନ ପ୍ରକ୍ରିୟାରେ ଭାଗ ନେଇଥିବା ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରୁ ଅଭିଯୋଗକାରୀ ଆସିଥିଲେ । ହେଲେ ଆଇଜିପି ଅଳ୍ପ କିଛି ପ୍ରାର୍ଥୀଙ୍କ ଅଭିଯୋଗ ଶୁଣିଥିବା ବେଳେ ବହୁ ଆବେଦନକାରୀଙ୍କ ଅଭିଯୋଗ ଶୁଣିନଥିବା ପ୍ରାର୍ଥୀ କହିଛନ୍ତି ।

ପ୍ରକାଶ ଯେ, ଗଜପତି ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତି ଲାଗି ୧୪୪ ପଦ ପାଇଁ ପ୍ରାୟ ୧୨୦୦ରୁ ଅଧିକ ପ୍ରାର୍ଥୀ ଆବେଦନ କରିଥିଲେ । ଜୁନ୍ ୨୯ରେ ଚୟନ ପ୍ରକ୍ରିୟା ଆରମ୍ଭ କରାଯାଇ ପ୍ରଥମେ ଶାରୀରିକ ପରୀକ୍ଷା ହୋଇଥିଲା । ପରବର୍ତ୍ତୀ ସମୟରେ ଦୁଇଟି ପର୍ଯ୍ୟାୟରେ ପ୍ରାର୍ଥୀଙ୍କ ଲିଖିତ ପରୀକ୍ଷା କରାଯାଇଥିଲା । ବହୁ ଯୋଗ୍ୟ ପ୍ରାର୍ଥୀ ବର୍ତ୍ତମାନ ସୁଦ୍ଧା ହୋଇଥିବା ସମସ୍ତ ପ୍ରକ୍ରିୟାରୁ ବାଦ୍ ପଡ଼ିଥିବା ସିଧାସଳଖ ଅଭିଯୋଗ ଆଣିଛନ୍ତି । ଏହା ସହ ନିଯୁକ୍ତି ପ୍ରକ୍ରିୟାରେ ଦୁଇ ଦୁଇ ଥର ଦୌଡ ପରୀକ୍ଷା କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରିଛନ୍ତି ପ୍ରାର୍ଥୀ । ଗୃହରକ୍ଷୀ ବାହିନୀ ପରୀକ୍ଷାରେ ଅଂଶଗ୍ରହଣ କରିଥିବା ୨୪ରୁ ଅଧିକ ପ୍ରାର୍ଥୀ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି । ପ୍ରାର୍ଥୀଙ୍କ ଏଭଳି ଅଭିଯୋଗକୁ ଭିତ୍ତି କରି ଘଟଣାର ସବିଶେଷ ତଥ୍ୟ ସଂଗ୍ରହ କରିବା ସହ ପ୍ରାର୍ଥୀଙ୍କ ଅଭିଯୋଗ ଶୁଣାଣି ପାଇଁ ଆଜି ଦକ୍ଷିଣାଞ୍ଚଳ ଆଇଜି ଶ୍ରୀ ଶେଖର ଆସିଥିଲେ । ଡିଆଇଜି ଆସି ଗୁହାରି ଶୁଣି ନ୍ୟାୟ ଦେବେ ବୋଲି ଭାବିଥିଲୁ । କିନ୍ତୁ ଆମକୁ ପ୍ରକୋଷ୍ଠ ଭିତରକୁ ଯିବାପାଇଁ ଦିଆଯାଇନଥିଲା ବୋଲି ବହୁ ପ୍ରାର୍ଥୀ କହିଛନ୍ତି । ବର୍ତ୍ତମାନ ହୋମ୍ ଗାର୍ଡ ନିଯୁକ୍ତିର ଅନ୍ତିମ ତାଲିକା ଘୋଷଣା କରାଯାଇନାହିଁ । ତେଣୁ ଯଦି ନିଯୁକ୍ତି ପ୍ରକ୍ରିୟାରେ କୌଣସି ବ୍ୟତିକ୍ରମ ଦେଖାଯାଏ ତେବେ ଅଭିଯୋଗ ଶୁଣାଣି ପାଇଁ ଆସିଥିବା ପ୍ରାର୍ଥୀ ନ୍ୟାୟିକ ଲଢେଇ ପାଇଁ ଆଇନର ଆଶ୍ରୟ ନେବେ ।

ନ୍ୟାୟ ମିଳିବା ପର୍ଯ୍ୟନ୍ତ ଆଇନର ଆଶ୍ରୟ ନେଇ ଲଢେଇ ଜାରି ରଖିବେ ବୋଲି ପ୍ରାର୍ଥୀ ଜିତେନ୍ଦ୍ର କୁମାର କରାଡ, ନଳିନୀ ନାୟକ ଓ ମିନତୀ ନାୟକ କହିଛନ୍ତି । ସମସ୍ତ ପ୍ରାର୍ଥୀଙ୍କ ସବିଶେଷ ତଥ୍ୟ ସଂଗ୍ରହ କରାଯାଇଛି । ଅଭିଯୋଗର ସମସ୍ତ ଦିଗକୁ ନେଇ ତଦନ୍ତ କରାଯାଉଛି । ସମସ୍ତ ରିପୋର୍ଟ ଉପରସ୍ତ ଅଧିକାରୀଙ୍କୁ ପଠାଇ ଦିଆଯିବ । ତାପରେ ଅନ୍ତିମ ତାଲିକା ପ୍ରକାଶ କରିବା ଉପରେ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ଶ୍ରୀ ଶେଖର ଅନ୍ୟପକ୍ଷରେ କହିଛନ୍ତି ।



ବଞ୍ଚିତ ହେଲେ ବହୁ ଅଭିଯୋଗକାରୀ

